### ଯାଜପୁରରେ ବୌଦ୍ଧିକ ଆଲୋଚନାଚକ୍ର 'ଯେ- ଲୋର-୨୦୨୬'

# 'ଶକ୍ତି ଉପାସନାର କେନ୍ଦ୍ର ବିନ୍ଦୁ ଯାଜପୁର'



ଯାଜପୁର, ୭।୩(ସମିସ)

ଜିଲ୍ଲା ମହୋତ୍ସବ 'ଯଯାତି-୨୦୨୬'ର ପୂର୍ବାଭାସ ସ୍ୱରୂପ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର ଆନୁକୂଲ୍ୟରେ ଏକ ସାହିତ୍ୟିକ ତଥା ବୌଦ୍ଧିକ ଆଲୋଚନାଚକ୍ର 'ଯେ-ଲୋର୍-୨୦୨୬' (ଯାଜପୁର ସାହିତ୍ୟ ଓ ବିମର୍ଶ-ଅତୀତର ଗାଥା, ଭବିଷ୍ୟତର ପଥ) ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଯାଜପୁରର ସମୃଦ୍ଧ ଐତିହ୍ୟ, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଏବଂ ଯୁବପିଢ଼ିଙ୍କୁ ନିଜ ମାଟିର ଗୌରବ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅମ୍ବର କୁମାର କର ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଭାଷଣରେ କହିଥିଲେ ଯେ କଳା ସଂସ୍କୃତିରେ ଥିବା ଆବେଗର ସ୍ଥାନ ଏଆଇ ନେଇପାରିବ ନାହିଁ। ଏହି ଅବସରରେ ରାଜ୍ୟର ବିଶିଷ୍ଟ ଲେଖକ, ଗବେଷକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ନିଜର ସୁଚିନ୍ତିତ ଓ ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯାଜପୁରର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କାଇଁଚ ହସ୍ତଶିଳ୍ପର ବିକାଶ ଉପରେ ଏକ ବୃତ୍ତଚିତ୍ର ଉନ୍ମୋଚିତ ହୋଇଥିଲା। ଆମେ ଯାଜପୁରିଆ ଥିମ୍ ସଙ୍ଗୀତ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଦ୍ୱାରା ଏବଂ ଗୋପାଳପୁର ହସ୍ତତନ୍ତ ବୃତ୍ତଚିତ୍ର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ବକ୍ତା ବୈଷ୍ଣବ ସାମଲ 'ଯାଜପୁରରେ ମାତୃକା ପରମ୍ପରା' ବିଷୟରେ ତଥ୍ୟଭିତ୍ତିକ ଆଲୋଚନା କରି ଯାଜପୁରର ଶକ୍ତି ଉପାସନାର ଇତିହାସ ବର୍ଣ୍ଣନା କରିଥିଲେ। ଐତିହାସିକ ତଥା ଗବେଷକ ଅନିଲ୍ ଧୀର 'ଯାଜପୁର ଏବଂ ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ଏବଂ ନଦୀ ବାଣିଜ୍ୟ' ଉପରେ ଆଲୋକପାତ କରି ବୈତରଣୀ ନଦୀ କୂଳରେ ଗଢ଼ିଉଠିଥିବା ସମୃଦ୍ଧ ବାଣିଜ୍ୟିକ ପେଣ୍ଠସ୍ଥଳୀର ସ୍ମୃତିଚାରଣ କରିଥିଲେ। ପ୍ରସିଦ୍ଧ ବ୍ୟକ୍ତିତ୍ୱ ତଥା ବାଗ୍ମୀ କୁନା ତ୍ରିପାଠୀ 'ସାହିତ୍ୟ ପ୍ରତି ଯୁବପିଢ଼ି ବା ଜେନ-ଜିଙ୍କର କମୁଥିବା ଆଗ୍ରହ' ପ୍ରସଙ୍ଗରେ ନିଜର ମାର୍ମିକ ବକ୍ତବ୍ୟ ରଖି ଯୁବସମାଜକୁ ପୁସ୍ତକ ସହ ଯୋଡ଼ିବାର ଆବଶ୍ୟକତା ଦର୍ଶାଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଦାସ ବେନହୁର 'କୃତ୍ରିମ ବୁଦ୍ଧି ବନାମ ସୃଜନଶୀଳତା' ଭଳି ଆଧୁନିକ ପ୍ରସଙ୍ଗ ଉପରେ ଗଭୀର ବିଶ୍ଳେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ଚିନ୍ତନର ନୂଆ ଖୋରାକ ଯୋଗାଇଥିଲେ। ଏହି ଜ୍ଞାନଗର୍ଭକ ଆଲୋଚନାଚକ୍ରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ, ସାରସ୍ୱତ ସାଧକ, ପ୍ରଶାସନିକ ଅଧିକାରୀ ତଥା ସାଧାରଣ ଜନତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି ଓ ଶ୍ରୋତାମାନଙ୍କ ମଧ୍ୟରେ ଏକ ସୁନ୍ଦର ଭାବ ବିନିମୟ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନର ଏହି ଅଭିନବ ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଦାବିପତ୍ର ପ୍ରଦାନ




**ଯାଜପୁର, ୭।୩(ସମିସ):** ଠିକାଦାର ମାନଙ୍କ ବିବିଧ ସମସ୍ୟା ନେଇ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଯାଜପୁର ଜିଲ୍ଲା ଠିକାଦାର ସଙ୍ଘ। ଜିଲ୍ଲା ସଭାପତି ସଞ୍ଜୀବ ପରିଡ଼ାଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ଆଠ ଦଫା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ପୂର୍ବ ସରକାର ସମୟରେ ୧୪.୯୯ ଲେସ୍ ଥିଲା କିନ୍ତୁ ବର୍ତ୍ତମାନ ବିଜେପି ସରକାର ତାହାକୁ ଉଠେଇ ଦେଇଛନ୍ତି। ପୁରୁଣା ସିଡ୍ୟୁଲରେ ଠିକାଦାର ମାନେ ଯେଉଁ ଟେଣ୍ଡର ପକାଇବେ ତାହା ୨୦ ରୁ ୪୦ ପ୍ରତିଶତ ଲେସ୍ କରାଯିବ। ଏଥିରେ କାମର ମାନ ଠିକ୍ ଯେତିକି ରହିବା କଥା ତାହା ରହିପାରିବ ନାହିଁ। ଏହାକୁ ଦୃଢ଼ ବିରୋଧ କରିବା ସହିତ ଆଗାମୀ ଦିନରେ ସରକାର ଯଦି ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ନ କରନ୍ତି ତେବେ କାମ ବନ୍ଦ କରାଯିବା ସହିତ ରାଜ୍ୟର ସମସ୍ତ ଠିକାଦାର ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଠିକାଦାର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଜେନା, ମୁଖ୍ୟ ଉପଦେଷ୍ଟା କେଦାର ରାଉତରାୟ, ନିହାର ରଞ୍ଜନ ମାନ୍ଧାତା ପ୍ରମୁଖ ଯୋଗ ଦେଇ ସରକାର ନିର୍ଦ୍ଧାରଣ କରିଥିବା ସିଡ୍ୟୁଲ ରେଟ୍‌ର ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଏହି ଅବସରରେ ବରିଷ୍ଠ ଠିକାଦାର ରାଜେଶ ମହାପାତ୍ର, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ବିଜୟ ପରିଡ଼ା, ସିଦ୍ଧାର୍ଥ ସାମଲ, ସୌମ୍ୟ ସାମଲ, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ, ରାଜ କିଶୋର ପରିଡ଼ା ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାର ମାନେ ଉପସ୍ଥିତ ଥିଲେ।



## ଥାଲକୁଡ଼ିରେ ଗୋପବନ୍ଧୁ ପୂଜା ଉତ୍ସବ ଉଦ୍‌ଯାପିତ

**କଯାଁଗୋଲା, ୭।୩(ସମିସ):** ଦଶରଥପୁର ବ୍ଲକ ଥାଲକୁଡ଼ି ଗ୍ରାମରେ ଗୋପବନ୍ଧୁ ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ଅର୍ଥାତ ମଙ୍ଗଳବାର ସନ୍ଧ୍ୟାରେ କଳସ ବୁଡ଼ାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ବିଭିନ୍ନ ଦିବସରେ ସୂର୍ଯ୍ୟପୂଜା, ଘୃତାହୁତି ସହ ଆଧ୍ୟାତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ଦୁଇ ରାତି ମହିଳା ଗାୟିକାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଅନାଦି ବାରିକ, ସୁବାସ ବାରିକ, ସୁବାସ ସାହାଣୀ, ମହେନ୍ଦ୍ର ବାରିକ, ପୂର୍ଣ୍ଣ ବାରିକ, ସୁରେଶ ବାରିକ, ରତିକାନ୍ତ ବାରିକ, ବିରେନ୍ଦ୍ର ବାରିକ, ସର୍ବେଶ୍ୱର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

### ଜିଲ୍ଲାପାଳଙ୍କୁ ଭେଟିଲା ବିଏଚ୍‌ପି ଓ ବଜରଙ୍ଗ ଦଳ

## ଡିଜେ ବ୍ୟାନ ପାଇଁ ଦାବି

**ଯାଜପୁର, ୭।୩(ସମିସ):** ଯାଜପୁର ଟାଉନ୍ ସମେତ ସମଗ୍ର ଜିଲ୍ଲାରେ ଭୟଙ୍କର ଶବ୍ଦ ପ୍ରଦୂଷଣକାରୀ ଡିଜେ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ବୋଲି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏହାକୁ ବ୍ୟାନ କରିବାକୁ ଦାବି ଜଣାଇଛନ୍ତି। ଉଭୟ ସଂଗଠନର ବରିଷ୍ଠ କର୍ମକର୍ତ୍ତା ବଳରାମ ବିଷୋୟୀ, ସନ୍ତୋଷ ପତି, ରଜତ ମିଶ୍ର, ଗୋପାଳ ଦୀକ୍ଷିତ, ଗଣେଶ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ, ୬୫ ଡେସିବେଲରୁ ଅଧିକ ଶବ୍ଦ ନହେବା, ରାତି ୧୦ଟା ମଧ୍ୟରେ ଶୋଭାଯାତ୍ରା ଶେଷ କରିବା, ମେଡିକାଲ, ଶିକ୍ଷାନୁଷ୍ଠାନ,



ଜରାଶ୍ରମ, ଧାର୍ମିକ ଅନୁଷ୍ଠାନ ନିକଟରେ ଶୋଭାଯାତ୍ରା ନ ଯିବା ଅବା ଶବ୍ଦ ପ୍ରଦୂଷଣ ଯେପରି ନ ହୁଏ ସେ ଦିଗରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହାର ବ୍ୟତିକ୍ରମ ହେଲେ ସମ୍ପୃକ୍ତ ସଂସ୍ଥା, ବ୍ୟକ୍ତି ବିଶେଷ ଅବା ଡିଜେ କିମ୍ବା ଡାକବାଜି ଯନ୍ତ୍ରର ମାଲିକ ତଥା ଶୋଭାଯାତ୍ରା କାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୁଲିସ ସବୁ ଜାଣି ବି ଶୋଭାଯାତ୍ରାକାରୀ ମୁଖିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ସେ ନେଇ ଜିଲ୍ଲାପାଳଙ୍କୁ ଉଦ୍‌ବେଗ ଜଣାଇଥିଲେ। ପୂଜା ପାର୍ବଣ ଓ ବିବାହ ଶୋଭାଯାତ୍ରା ଯାଉଥିବା ବେଳେ ପୁଲିସର ପିସିଆର ଭ୍ୟାନ୍ ଯଦି ଏହି ଅମାନିଆ ଏବଂ ଆଇନ ଭଙ୍ଗକାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତା ତେବେ ଶବ୍ଦ ପ୍ରଦୂଷଣ ଯୋଗୁଁ ହୃଦ୍‌ଘାତରେ ମୃତ୍ୟୁ, ରୋଗୀ ଗୁରୁତର ହେବା, ସୁସ୍ଥ ମଣିଷ ଅସୁସ୍ଥ ହୋଇପଡ଼ିବା ଏବଂ ଶିଶୁ ଓ ସାଧାରଣ ଜନତା ଅତି ଉଚ୍ଚ ଶବ୍ଦ ଯୋଗୁଁ ଅତିଷ୍ଠ ହୋଇ ପଡ଼ିବା ପରି ସମସ୍ୟାରୁ ବର୍ତ୍ତି ପାରନ୍ତେ ବୋଲି ଏହି ସଂଗଠନ ଦ୍ୱୟ ଜିଲ୍ଲାପାଳଙ୍କୁ ଆଲୋଚନା ପ୍ରସଙ୍ଗରେ ଜଣାଇଛନ୍ତି। ଜିଲ୍ଲାପାଳ ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱ ସହକାରେ ନେଇ ଏଦିଗରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ପାଲଟପୁର ପଞ୍ଚାୟତରେ ମେଗା ସ୍ୱାସ୍ଥ୍ୟ ଶିବିର



**ଦଶରଥପୁର, ୭।୩(ସମିସ):** ଯାଜପୁର ଜିଲ୍ଲାପାଳ ଆମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ଏହି ଶିବିର ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ ଡ. ରମେଶ ଚନ୍ଦ୍ର ମଲିକ ଯୋଗଦେଇ ଶିବିରଟିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜୟ କୁମାର ମିଶ୍ର, ବିଡିଓ ଆକାଶ ପଟ୍ଟନାୟକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅମ୍ରିତାପ୍ରିତମ ମଲ୍ଲ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ସରପଞ୍ଚ ଲିପିକା ମଲିକ, ଯୁବ ନେତା ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଜିର ଶିବିରରେ ୨୫୮ ଜଣ ଲୋକ ବିଭିନ୍ନ ରୋଗ ପାଇଁ ଚିକିତ୍ସା ହୋଇଥିଲେ। ସେମାନଙ୍କର ବିଭିନ୍ନ ପରୀକ୍ଷା କରାଯିବା ସହିତ ଔଷଧ ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ଆକାଶ ଦାସ ମହାପାତ୍ର, ଡା. ବିଶ୍ୱଜିତା ପଣ୍ଡା, ଡା. ପାର୍ବତୀ ରାଉତ, ଡା. ପ୍ରତୀ ରାଉତ, ନିଝୁମ ମହାପାତ୍ର, ଜ୍ୟୋତିରଞ୍ଜନ ରାଉତ, ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଝରଣା ଦଳାଇ, ଫାର୍ମାସିଷ୍ଟ ବିଜ୍ଞାନ ରଞ୍ଜନ ରାୟ, ପିଏଚ୍‌ଇଓ ବନିତା ଦାସ, ଅଜୟ କୁମାର କର, ଚନ୍ଦ୍ରଜିତ ପତି, ମୁକୁନ୍ଦ ଚନ୍ଦ୍ର ନାୟକ, ନିରାକାର ଦାସ, ପୂର୍ଣ୍ଣିମା ଦାସ, ବିନ୍ଦୁ ମିଞ୍ଜ, ତପସ୍ୱିନୀ ବେହୁରିଆ, ଦିବ୍ୟକାନ୍ତ ତରାଇ, ରଶ୍ମିରଞ୍ଜନ ନାୟକ, ସୋନାଲି ମିଶ୍ର ଯେନା, ସନ୍ତୋଷୀ ଶ୍ୟାନ୍ତି, ଆରତୀ ଓରାମ, ସିଏଚଓ ଝୀନା ମଲିକ, ଲୋପାମୁଦ୍ରା ସାହୁ, ପଦ୍ମିନୀ ଗୁରୁ, ସୁଶ୍ରୀ ରଥ, ସୁପ୍ରିୟା ମିଞ୍ଜ, ମନୋଜ କୁମାର ଦାସ, ତୁଷାର ରଞ୍ଜନ ଶତପଥୀ, ବଳି ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଚିକିତ୍ସା, ପରୀକ୍ଷା, ରେଜିଷ୍ଟ୍ରେସନ, ପରାମର୍ଶ, ଔଷଧ ବଣ୍ଟନ ଆଦି କାର୍ଯ୍ୟରେ ନିୟୋଜନ ଥିଲେ। ଅନନ୍ତ କୁମାର ଯେନା, ସୌମ୍ୟ ରଞ୍ଜନ ବେହେରା, ପ୍ରମୋଦ ରାଉତ, ମଦନ ମଲିକ, ପାଣ୍ଡବ ମଲିକ, ମହେନ୍ଦ୍ର ଜେନା, ରାଜୀବ ମଲିକ, କୃପାସିନ୍ଧୁ ମଲିକ, ବିଜୟ ବେହେରା, ନୁରୀ ମଲିକ, ରମେଶ ମଲିକ, ବିମଳ ମଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଯାଜପୁରରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

## ପୁରୀ ଯାତ୍ରା କଲେ ବରିଷ୍ଠ ନାଗରିକ



**ଯାଜପୁର, ୭।୩(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଅମ୍ବର କୁମାର କର ପତାକା ଦେଖାଇ ଯାତ୍ରୀ ବସ୍‌ଗୁଡିକୁ ଉଦ୍‌ଘାଟନ କରିଛନ୍ତି। ଏହି ଯୋଜନାରେ ଜିଲ୍ଲାରୁ ଶତାଧିକ ବରିଷ୍ଠ ନାଗରିକ ଏବଂ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ପେନସନଧାରୀ ପୁରୀଧାମ ଅଭିମୁଖେ ଯାତ୍ରା କରିଥିଲେ। ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ବସ୍ ଯୋଗେ ଯାତ୍ରୀମାନେ ବାହାରିଥିଲେ। ଏହା ପୂର୍ବରୁ ଜିଲ୍ଲାପାଳ ଯାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ ସହ ମା' ବିମଳା, ବଟଗଣେଶ, ଦେବୀ କାଳୀ ମନ୍ଦିର, ନବଗ୍ରହ ମନ୍ଦିର ଦର୍ଶନ କରିବା ପାଇଁ ଜିଲ୍ଲାପାଳ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଯାତ୍ରୀଙ୍କୁ ସୁବିଧା ପାଇଁ ଏକ କିଟ୍ ଦିଆଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ନେବା ପାଇଁ ସେମାନଙ୍କ ଦାୟିତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ଜଣ ଏସ୍କର୍ଟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ ଜଣ ମେଡିକାଲ ଓ ପାରା-ମେଡିକାଲ ଷ୍ଟାଫ୍, ଓଏସ୍‌ଆରସିଟିସିର ୫ ଜଣ ଏହି ଯାତ୍ରାରେ ନିୟୋଜିତ ଅଛନ୍ତି। ଯାତ୍ରୀମାନେ ଆଜି ପୁରୀ ଶ୍ରୀମନ୍ଦିର ଦର୍ଶନ କରି ଫେରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ସାହୁ, ଓଏସଆରଟିସି ମ୍ୟାନେଜର ଅମ୍ଲେଶ ସିହ୍ନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ସହକାରୀ ଜିଲ୍ଲାପାଳ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ

**ବଡ଼ଚଣା, ୭।୩(ସମିସ):** ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ଅନ୍ତର୍ଗତ ଭୁଲୁକା ଗ୍ରାମରେ ଶନିଶ୍ଚର ଯଜ୍ଞ ଅରକ୍ଷିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ଗୁରୁବାର ବିରାଟ ଶୋଭାଯାତ୍ରାରେ କଳସ ଯାତ୍ରା କରି ସୁନୀଲ କୁମାର ମହାନ୍ତିଙ୍କ ଦ୍ୱାରା ସୂର୍ଯ୍ୟପୂଜା ସହ ପୂଜାର୍ଚ୍ଚନା କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି। ମୁଖ୍ୟ ପୁରୋହିତ ରବୀନ୍ଦ୍ର କୁମାର ପାଢ଼ୀଙ୍କ ସମେତ ଅନେକ ପୁରୋହିତ ଏହି ଯଜ୍ଞରେ ପୂଜାର୍ଚ୍ଚନ କରିଥିଲେ। ଅରୁଣ ମହାନ୍ତି, ବୈଷ୍ଣବ ମହାନ୍ତି, ଅନିଲ ମହାନ୍ତି, ବିଜୟ ମହାନ୍ତି, ବୈଲୋଚନ ମହାନ୍ତି, ଜୟରାମ ମହାନ୍ତି, ଦିଲ୍ଲିପ ମହାନ୍ତି, ତନୁଜ ମହାନ୍ତି, ସୁବାସ ମହାନ୍ତି, ପ୍ରମୋଦ ମହାନ୍ତିଙ୍କ ସମେତ ଭୁଲୁକା ଗ୍ରାମର ଶତାଧିକ ଗ୍ରାମବାସୀ ସହଯୋଗ କରିବା ସହ ପରିଚାଳନା କରିଛନ୍ତି।

## ବାବୁଲି ଭାଇ ଢାବାରୁ ଶିଶୁ ଶ୍ରମିକ ଉଦ୍ଧାର

**କବାଟବନ୍ଧ, ୭।୩(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ଜାତୀୟ ରାଜପଥର କନ୍ତପଡ଼ା ଛକରେ ଥିବା ବାବୁଲି ଭାଇ ଢାବାରୁ ୩ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏହି ହୋଟେଲରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ହୋଟେଲରେ ଦୀର୍ଘ ଦିନ ଧରି ଶିଶୁମାନେ ଶ୍ରମିକ ଭାବେ କାମ କରୁଥିବା ଅଭିଯୋଗ ହେଉଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶନିବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ଉ କରିଥିଲେ। ଉଦ୍ଧାର ୩ ଜଣ ଶିଶୁ ଶ୍ରମିକଙ୍କ ମଧ୍ୟରୁ ଦୁଇ ଜଣଙ୍କ ବୟସ ୧୨ ବର୍ଷ ହୋଇଥିବା ବେଳେ ଅନ୍ୟ ଜଣେ ୧୪ ବର୍ଷର ବୋଲି ଜଣାପଡ଼ିଛି। ତେବେ ଏତେ କମ ବୟସର ଶିଶୁ ମାନଙ୍କୁ ଶ୍ରମିକ କାମରେ ନିୟୋଜିତ କରିବା ଆଇନ ବିରୋଧ ହୋଇଥିବା ବେଳେ କିଭଳି ହୋଟେଲ ମାଲିକ ତାଙ୍କୁ କାମରେ ଲଗାଇଥିଲେ ତାକୁ ନେଇ ବିଭିନ୍ନ ମତ ପ୍ରକାଶ ପାଇଛି। ଉଦ୍ଧାର ୩ ଜଣ ଶିଶୁ ଶ୍ରମିକ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକର ବୈରୀ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ୧୨ ବର୍ଷର ଶିଶୁଙ୍କ ପାଇଁ ଶିକ୍ଷା ବାଧ୍ୟତାମୂଳକ ଥିବା ବେଳେ ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଏ ଖବର ଅଛି କି ନାହିଁ ସନ୍ଦେହ। ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ଡ୍ରପ ଆଉଟ ଚିନ୍ତା ବଢ଼ାଇଥିବା ବେଳେ ଉଦ୍ଧାର ଶିଶୁ ଶ୍ରମିକ ଉଭୟ ଶ୍ରମ ବିଭାଗ ଏବଂ ଶିକ୍ଷା ବିଭାଗର ଅସଲ ମୁଖା ଖୋଲିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ଚଢ଼ଉ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ଼ ହେଲ୍ପ ଲାଇନ ସଦସ୍ୟ ବରେନ୍ଦ୍ର କୃଷ୍ଣ ଦାଶ, ବିନ୍ଦୁ ସାଗର ସାହୁ, ଅବଦୁଲ ମିନାଜ ଖାନ ଏବଂ ସ୍ଥାନୀୟ ଜେନାପୁର ପୋଲିସ ସାମିଲ ଥିଲେ।

# କୁଶଳେଶ୍ୱର ସ୍ମୃତି ପ୍ରତିଭା ପୁରସ୍କାର ପ୍ରଦାନ



**ଯାଜପୁର, ୭।୩(ସମିସ):** ଯାଜପୁର ସହରର ନରଣପୁରସ୍ଥିତ 'ସବୁଜସ୍ୱପ୍ନ' ଓ 'ବିଦ୍ୟାବିହାର' କାର୍ଯ୍ୟାଳୟ ତରଫରୁ 'ଜାତୀୟ ସଂହତି, ସୁରକ୍ଷା ଓ ବିକାଶ' ଶୀର୍ଷକ ଶିକ୍ଷା, ଆଲୋଚନାଚକ୍ର, ସଚେତନତା ଓ ଜ୍ଞାନ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର) ଗ୍ରାମର ବିଶିଷ୍ଟ ପରିବେଶବିତ୍ ତଥା ସାହିତ୍ୟିକ ପଣ୍ଡିତ ବଂଶୀଧର ପଣ୍ଡାଙ୍କ 'ସ୍ମୃତି-ପାର୍ଣ୍ଣି' ଆନୁକୂଲ୍ୟରେ ଯୁବଶକ୍ତିର ପ୍ରତୀକ କୁଶଳେଶ୍ୱର ପଣ୍ଡାଙ୍କ ଅକାଳ ବିୟୋଗରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଇଂ. ଚିନ୍ମୟ ପରିଡ଼ା ସଭାପତିତ୍ୱ କରିଥିଲେ। ଏଥିରେ ଉତ୍କଳ ସେବାନିବୃତ ସେନାନୀ ସଙ୍ଘର ଯୁଗ୍ମ ସମ୍ପାଦକ ନରେନ୍ଦ୍ର କୁମାର ଶତପଥୀ ମୁଖ୍ୟଅତିଥି, ବାଲିପୋଖରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ମୁଦୁଲି ସମ୍ମାନିତ ଅତିଥି ଏବଂ ପରିଚାଳକ ତଥା ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସଭାପତି ଓ ଅତିଥିଦ୍ୱୟ 'ଦେଶ ହିଁ ପ୍ରଥମ', ଏହାର ସୁରକ୍ଷା ଓ ବିକାଶ ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚ୍ୟ ବିଷୟରେ ଲିଖିତ 'ଜ୍ଞାନ ପରୀକ୍ଷା' ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଲାଭ କରିଥିଲା ଅଷ୍ଟମରୁ ଦଶମ ଶ୍ରେଣୀର ମୋଟ ୮ ଜଣ ଛାତ୍ରଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ 'କୁଶଳେଶ୍ୱର ସ୍ମୃତି ପ୍ରତିଭା ପୁରସ୍କାର' ଓ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ରୁଦ୍ରନାରାୟଣ ସାହୁ ପ୍ରାରମ୍ଭିକ ସୂଚନା, ସଞ୍ଜୟ ବେହେରା ଅତିଥି ପରିଚୟ ଓ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡିଖୋଲ ଏନ୍‌ଏସି ପାଇଁ ବିଜେଡିର ସାଂଗଠନିକ ବୈଠକ

ବଡ଼ଚଣା, ୭।୩(ସମିସ)



ବଡ଼ଚଣା ବିଜେଡି ଦଳୀୟ କାର୍ଯ୍ୟାଳୟରେ ଆଗାମୀ ଏନ୍‌ଏସି ନିର୍ବାଚନରେ ବାଜିମାତ କରିବା ପାଇଁ ଏକ ସାଂଗଠନିକ ବୈଠକ ବଡ଼ଚଣା ବିଜେଡ଼ି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ଏନ୍‌ଏସିରେ ୧୨ଟି ୱାର୍ଡ ଥିବା ବେଳେ ସୁଙ୍ଗୁଡ଼ା, ଧାନମଣ୍ଡଳ, ବଡ଼ଚଣା ପଞ୍ଚାୟତକୁ ସାମିଲ ହୋଇଥିବା ବେଳେ ଦର୍ପଣ ଓ ଭୂଷଣ୍ଡପୁର ପଞ୍ଚାୟତର ଆଂଶିକ ଭାବେ ସ୍ଥାନ ପାଇଛି। ଏହି ଅବସରରେ ଏନଏସିର ୧୨ଟି ୱାର୍ଡର ଆଗୁଆ କର୍ମକର୍ତ୍ତା ମାନେ ଯୋଗଦେଇ ଏହି ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ବିଜେପି ଛାଡ଼ି ଜୟନ୍ତ କୁମାର ସ୍ୱାଇଁ ବିଜେଡିରେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଛନ୍ତି। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ସଞ୍ଜୟ କୁମାର ସ୍ୱାଇଁ, ଜ୍ଞାନ ରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ଧନେଶ୍ୱର ବେହେରା, ଜଗନ୍ନାଥ ମୁଦୁଲି, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରିୟବ୍ରତ ଖିଲାର, ଉମେଶ ଚନ୍ଦ୍ର ଜେନା, ଦିଲ୍ଲିପ କୁମାର ସାମଲ, ପ୍ରକାଶ ପ୍ରଧାନ, ବିଜୟ କୁମାର ପ୍ରଧାନ, ମାନଗୋବିନ୍ଦ ସେଠୀ, ପ୍ରଭାକର ସାମଲ, ମନୋଜ ମାହାଲା, ଗୋପାଳ ବାସ୍କେ, ବୁଧିରାମ ବିଶ୍ୱାଳ, ବଟକୃଷ୍ଣ ବଳ, ଦେବେନ୍ଦ୍ର ଦାସ, ମହମ୍ମଦ ମୁନସର ଖାଁ, ସୁରେନ୍ଦ୍ର ନାୟକ, ସୁଜିତ ସାହୁ, ଜୟନ୍ତ କୁମାର ରାଉତ, ଏ ଆନନ୍ଦ ସିଂ, ମିର୍ଜା ସାଜନ ବେଗ, ଦେବୀ ପ୍ରାସାଦ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ଜେନାଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ହୋଟେଲ ବ୍ୟବସାୟୀଙ୍କୁ ଭୂଜାଲି ମାଡ଼ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ; ସହଯୋଗୀ ଫେରାର

**ବିଞ୍ଝାରପୁର,୭।୩(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ଗତ ଶୁକ୍ରବାର ସନ୍ଧ୍ୟାରେ ଜଣେ ହୋଟେଲ ବ୍ୟବସାୟୀଙ୍କୁ ଭୁଜାଲି ମାଡ ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସତ୍ୟଜିତ ସାହୁ ଓରଫ କୁନାକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ଜଣେ ସହଯୋଗୀ ରଞ୍ଜନ ସାହୁ ଓରଫ ଟିକିନା ଫେରାର ଥିବା ଜଣାପଡିଛି। ପ୍ରକାଶ ଥାଉକି ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ମା' ଚଣ୍ଡି ହୋଟେଲର ମାଲିକ ସତ୍ୟଜିତ ସାହୁ ଓରଫ କୁନା ଏବଂ ନ୍ୟୁଉ ମା' ହୋଟେଲର ମାଲିକ ଅକ୍ଷୟ ଦାସଙ୍କ ମଧ୍ୟରେ ବ୍ୟବସାୟ ମୂଳକ ପ୍ରତିଦ୍ୱନ୍ଦିତା ଲାଗି ରହିଥିଲା। ଶୁକ୍ରବାର ସନ୍ଧ୍ୟା ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ କୁନା ଉତ୍କ୍ଷିପ୍ତ ହୋଇ ଅକ୍ଷୟଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗି ଥିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଏହି ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହାତ ଅକ୍ଷୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନା ସାହୁକୁ କାବୁ କରି ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ଅକ୍ଷୟଙ୍କ ପୁଅ ଅମୀୟଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା କେଶ ନଂ ୧୨୫/୨୬ ରୁଜୁ କରି ତଦନ୍ତ କରିଥିଲା। ତେବେ ଏହି ଘଟଣାରେ ଥାନାରେ ଅଟକ ଥିବା କୁନାଙ୍କୁ ପୁଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବାବେଳେ ଫେରାର ଥିବା ଅନ୍ୟ ସହଯୋଗୀ ରଞ୍ଜନ ସାହୁ ଓରଫ ଟିକିନା ନିକଟରେ ଖୁବଶିଘ୍ର ପୁଲିସ ପହଞ୍ଚିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

ବାଲିପଦା ଛକରେ ଚୋରାମଦ ବେପାର ଘଟଣା

# ଅଭିଯୋଗକାରୀଙ୍କୁ ଅଭିଯୁକ୍ତ ବ୍ୟବସାୟୀର ଆକ୍ରମଣ

**ଦଶରଥପୁର/ଯାଜପୁର,୭।୩(ସମିସ):**



ଯାଜପୁର ଟାଉନ ଥାନା ତଥା ଦଶରଥପୁର ବ୍ଲକ ବାଲିପଦା ଛକରେ ଦୀର୍ଘ ବର୍ଷ ହେବ ଚୋରା ମଦ ବ୍ୟବସାୟ କରି ଗାଁ ପରିବେଶକୁ ନଷ୍ଟ କରୁଥିବା ଗ୍ରାମର ମଦ ବ୍ୟବସାୟୀ ଅଜୁ ପାଗଳ ଦୋକାନ ଉପରେ ବାଲିପଦା ଗାଁର ଶତାଧିକ ମହିଳା ଗତ ୪ ତାରିଖରେ ଚଢ଼ଉ କରି ଦୋକାନକୁ ଭାଙ୍ଗି ଦେଇଥିଲେ। ଖବର ପାଇ ଯାଜପୁର ଟାଉନ ଥାନା ପୁଲିସ ବାଲିପଦା ଗ୍ରାମରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିବା ସହିତ ଚୋରା ମଦ ବ୍ୟବସାୟୀ ଅଜୁ ଘରେ ଚଢ଼ଉ କରି ୪୦ ଲିଟରରୁ ଅଧିକ ପରିମାଣର ବିଦେଶୀ ଚୋରା ମଦ ଓ କିଛି ଟଙ୍କା ଜବତ୍ କରି ଅଜୁ ଓ ତା'ର ସାନ ଭାଇ କାଜୁ ପାଗଳକୁ ଉଠାଇ ନେଇ ଥାନାରେ ଅଟକ ରଖିବା ପରେ ଉତ୍ତେଜିତ ହୋଇଥିବା ଗ୍ରାମର ମହିଳାମାନେ ଶାନ୍ତ ହୋଇଥିଲେ। ମାତ୍ର ୧୨ ଘଣ୍ଟା ଅନ୍ତରରେ ଯାଜପୁର ଟାଉନ ଥାନା ପୁଲିସ ଅଟକ ୨ ଭାଇଙ୍କୁ ଥାନାରୁ ମୁକ୍ତ କରିବା ପରେ ଅଜୁ ଗ୍ରାମରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲା। ତାର ଚୋରା ମଦ ବିକ୍ରିକୁ ଯିଏ ବିରୋଧ କରିବ ତାକୁ ଜୀବନରୁ ମାରିଦେବ କହି ଟ୍ୟୁସନରୁ ଘରକୁ ଫେରୁଥିବା ଗ୍ରାମର ଜଣେ ନାବାଳକକୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ଭୟରେ ନାବାଳକ ଦୌଡ଼ି ପଳାଇ ଆସୁଥିବା ବେଳେ ଅଜୁ ଏକ ପଥର ଫିଙ୍ଗିବାରୁ ନାବାଳକ ଜଣଙ୍କ ଆହତ ହୋଇଥିଲା। ଯାହାକୁ ନେଇ ପୁଣି ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଭୟଭୀତ ଗ୍ରାମବାସୀ ଯାଜପୁର ଟାଉନ ଥାନାଧିକାରୀ ଶରତ କୁମାର ନାୟକଙ୍କୁ ଫୋନ କରି ତୁରନ୍ତ ଗ୍ରାମରେ ପହଞ୍ଚିବାକୁ ଅନୁରୋଧ କରିବାରୁ ଥାନାଧିକାରୀ ଶରତ କୁମାର ନାୟକ ଗ୍ରାମରେ ପହଞ୍ଚି ଅଜୁକୁ ଖୋଜିଥିଲେ ମଧ୍ୟ ଅଜୁ ଗାଁରୁ ଫେରାର ହୋଇଯାଇଥିଲା। ଗ୍ରାମବାସୀ ଥାନାଧିକାରୀଙ୍କୁ ଘେରଉ କରି ସେମାନଙ୍କର ସୁରକ୍ଷା ଦାବି କରିବା ସହିତ ପୁଲିସର ମଦ ବ୍ୟବସାୟୀଙ୍କ ପ୍ରତି କୋହଳ ମନୋଭାବକୁ ନେଇ ହୋ-ହାଲ୍ଲା କରିଥିଲେ। ଯାହାକୁ ନେଇ ବିଳମ୍ବିତ ରାତି ଯାଏଁ ଗ୍ରାମରେ ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିଲା। ଅଭିଯୁକ୍ତ ମଦ ବ୍ୟବସାୟୀକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଆଜି ପୂର୍ବାହ୍ନରେ ଗ୍ରାମର ବହୁ ସଂଖ୍ୟକ ମହିଳା ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଗ୍ରାମରେ ବେଆଇନ ଚୋରା ମଦ ବ୍ୟବସାୟ ବନ୍ଦ କରିବା ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିବା ସହିତ ଗ୍ରାମବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ଉପରେ ପଦକ୍ଷେପ ନେବାକୁ ଯାଜପୁର ଟାଉନ ଥାନା ପୁଲିସକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ଏଥିରେ ବ୍ୟତିକ୍ରମ ହେଲେ ଗ୍ରାମର ମହିଳା ରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି। ଗ୍ରାମର ମହିଳାଙ୍କୁ ଚୋରା ମଦ ଦୋକାନ ଚଳାଉଥିବା ତିନି ଭାଇ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଣୁ ଚୋରା ମଦ ଦୋକାନ ଚଳାଉଥିବା ତିନି ଭାଇଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସୁଷମା ସିଂହ, ପଦ୍ମାବତୀ ସାହୁ, ସୁନନ୍ଦା ସାହୁ, ସରୋଜିନୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ମମତା ସାହୁ, କବିତା ନାୟକ, ସୁକାନ୍ତି ସାହୁ, ଅନୁସୟା ସାହୁ, ରେବତୀ ସାହୁ, ମାଳତୀ ଦେଇ, ସଂଜୁଲତା ସାହୁ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ଅପରପକ୍ଷେ ଯାଜପୁର ପୁଲିସ ଅଭିଯୁକ୍ତ ଚୋରା ମଦ ବ୍ୟବସାୟୀ ଅଜୁକୁ ହେଫାଜତକୁ ନେଇ ପୁଣି ଥରେ ଥାନାରେ ଅଟକ ରଖିଥିବା ଥାନା ସୂତ୍ରରୁ ଜଣାପଡିଛି।

## ଅପରାଧ ପାଇଁ ଯୋଜନା ବେଳେ ୭ ଗିରଫ



**ଯାଜପୁର,୭।୩(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଅଞ୍ଚଳରେ କେତେକ ଦୁର୍ବୃତ୍ତ ଅପରାଧ ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ କରି ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଯାଜପୁର ସଦର ଥାନାରେ ଏକ ମାମଲା କେସ ନଂ ୮୪/୨୬ରେ ରୁଜୁ କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସଦର ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଏହି ଅଭିଯୁକ୍ତମାନେ ମାଳଆନନ୍ଦପୁର ଅଞ୍ଚଳରେ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ ସେମାନଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗୋବିନ୍ଦ ଦଳାଇ ଓରଫ ଭାଲୁ (୧୯) ଶଙ୍କର ଦଳାଇ (୨୦), ମାନୁଆ ଓରଫ ସତ୍ୟ ପ୍ରକାଶ ଦଳାଇ (୨୩), ପୋଡ଼ା ଓରଫ ଦୀପକ ବେହେରା (୨୩), ରାମ ଓରଫ ଶ୍ରୀକୃଷ୍ଣ ଦଳାଇ (୨୯) ।ଏମାନଙ୍କ ଘର ସ୍ଥାନୀୟ ମାଳଆନନ୍ଦପୁର ଅଞ୍ଚଳରେ ବୋଲି ଜଣାପଡିଛି। ଅନ୍ୟ ଅଭିଯୁକ୍ତ ହେଲେ ରୁଢ଼ିଆ ଗାଁର ଚଗୁଲୁ ମହାରାଣା (୨୧) ଏବଂ ଅନ୍ୟ ଜଣେ ବାଳ ଅପରାଧୀ ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ କଟୁରୀ, ଲୁହାରଡ, ମଦ ବୋତଲ, ଲଙ୍କା ଗୁଣ୍ଡ ଆଦି ମାରଣାସ୍ତ୍ର ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଯାଜପୁର ସଦର ଥାନା ଅଧିକାରୀ ଚିନ୍ମୟୀ ବେହେରା, ତଦନ୍ତ ଅଧିକାରୀ ସୁଶାନ୍ତ ଦାସଙ୍କ ସମେତ ଥାନାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ରାସ୍ତାରେ ଅଳଙ୍କାର ବ୍ୟବସାୟୀଙ୍କୁ ଲୁଟ୍

**ଦଶରଥପୁର,୭।୩(ସମିସ):** ଯାଜପୁର ଟାଉନ ଥାନା ତଥା ଦଶରଥପୁର ବ୍ଲକ ଅକରପଡା ଗ୍ରାମ ରାସ୍ତାରେ କଳା ପଲସର ଆତଙ୍କ। ଯାଜପୁର ସଦର ଥାନା ଅଧୀନ ବଜରଙ୍ଗୀ ଛକରେ ସୁନା ଅଳଙ୍କାର ବ୍ୟବସାୟ କରୁଥିବା ଅକରପଡା ପଞ୍ଚାୟତ ଜଳସରପୁର ଅଞ୍ଚଳର ନବଘନ ସାହୁ ଏବଂ ତାଙ୍କ ପୁଅ ନିରାକାର ସାହୁଙ୍କୁ ଲୁଟ ଉଦ୍ଦେଶ୍ୟରେ ଲୁଟେରାଙ୍କ ଆକ୍ରମଣ। କଳା ପଲସର ଗାଡ଼ିରେ ଥିବା ୨ ଲୁଟେରା ବ୍ୟବସାୟୀଙ୍କ ଠାରୁ ବ୍ୟାଗ ଛଡାଇ ନେବା ସହିତ ଲୁଟେରାଙ୍କ ଆକ୍ରମଣରେ ନବଘନ ଏବଂ ତାଙ୍କ ପୁଅ ନିରାକାର ଆହତ ହୋଇଥିବା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତ ଶୁକ୍ରବାର ନବଘନ ଏବଂ ତାଙ୍କ ପୁଅ ନିରାକାର ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଜଳସରପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅନ୍ତର୍ଗତ ତ୍ରାହି ଅଚ୍ୟୁତ ମନ୍ଦିର ସମ୍ମୁଖରେ ଏକ କଳା ପଲସର ବାଇକରେ ଥିବା ୨ଲୁଟେରା ହଠାତ ସେମାନଙ୍କୁ ବନ୍ଧୁକ ଦେଖାଇ ଅଟକାଇବା ସହିତ ନବଘନଙ୍କ ବେକରେ ବନ୍ଧୁକ ଲଗାଇ ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରିବାରୁ ପୁଅ ନିରାକାର ପ୍ରତିରୋଧ କରିଥିଲେ। ଫଳରେ ୨ ଲୁଟେରା ନିରାକାରଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ନବଘନ ଓ ନିରାକାର ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଲୁଟେରା ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ପାଖରେ ଥିବା ବ୍ୟାଗକୁ ଛଡାଇ ନେଇଥିଲେ। ତେବେ ବ୍ୟାଗରେ ରାସନ ସାମଗ୍ରୀ ଥିବାରୁ ବ୍ୟବସାୟୀ ବାପ ପୁଅ ଆହତ ହୋଇଥିଲେ ମଧ୍ୟ ଆର୍ଥିକ କ୍ଷତିରୁ ବର୍ତ୍ତି ଯାଇଥିଲେ। ଆଜି ନବଘନ ଏବଂ ନିରାକାର ଯାଜପୁର ଟାଉନ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

## ବିକେବି ହାଇସ୍କୁଲର ଶକ୍ତି ସଂରକ୍ଷଣ ସଚେତନତା

**ସିଂହପୁର,୭।୩(ସମିସ):** ହାବଳଗଣ୍ଡ ପାଟଣାସ୍ଥ ବିକେବି ଉଚ୍ଚ ବିଦ୍ୟାଳୟର ଶକ୍ତି କ୍ଲବ୍ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବର୍ଷିୟାନ୍ ସମାଜସେବୀ ରାହାସ ବିହାରୀ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ମିହିର କୁମାର ବିଶ୍ୱାଳ, ହୃଷୀକେଶ ସାହୁ, ରବିନ୍ଦ୍ର କୁମାର ବେହେରା, ପ୍ରଫୁଲ୍ଲ କୁମାର ସୁତାର, ରତିକାନ୍ତ ଦାସ, ଅଭିମନ୍ୟୁ ବାରିକ, ରାଜଶ୍ରୀ ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ଯୋଗ ଦେଇ ଶକ୍ତି ସଂରକ୍ଷଣର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାରାଣୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରୋଜି ଦେହେରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଯାଇ ଶକ୍ତି ସଂରକ୍ଷଣ ସମ୍ପର୍କିତ ସ୍ଲୋଗାନ ମାନ ଦେଇ ହାବଳଗଣ୍ଡ, ହାବଳଗଣ୍ଡ ପାଟଣା, କଇଥାପାଳ, ବଉଳଯୋଡି ଡିହା, ଉଜାଙ୍ଗ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ହାବଳଗଣ୍ଡ ଗ୍ରାମର ସ୍ୱେଚ୍ଛାସେବୀ ହିମାଂଶୁ ଭୂଷଣ ବାରିକ (ଲିଟନ ଭାଇ) ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପିତାମ୍ବର ରାଉତ, ଅନୁପ କୁମାର ପରିଡା, ଅନୁପମା ସେନାପତି, ପ୍ରଭାତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ



**ବରୀ,୭।୩(ସମିସ):** ବରୀ ନିର୍ବାଚନମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଆହ୍ୱାନରେ କିମ୍ବିରିଆପାଳ ପଞ୍ଚାୟତ ମାଳଦା କଲ୍ୟାଣ ମଣ୍ଡପ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ଜନ୍ମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ବରୀ ବିଧାୟକଙ୍କ ପିତା ଶିଶିର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନୁପସ୍ଥିତ ଥିଲେ ହେଁ ବିଜୁ ବାବୁଙ୍କୁ ଭାରତ ରତ୍ନ ଉପାଧି ପ୍ରଦାନ କରିବାକୁ ଦାବିକରି ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ବରୀ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ସାମଲ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅଭିମନ୍ୟୁ ସାହୁ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, କିମ୍ବିରିଆପାଳ ପୂର୍ବତନ ସରପଞ୍ଚ ବିଭୁତି ସାହୁ, ବରିଷ୍ଠ ସଂଗଠକ ସରପଞ୍ଚ ସଂଗଠନ ସଭାପତି ପ୍ରସନ୍ନ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। ବିଭିନ୍ନ ପଞ୍ଚାୟତରୁ ଶତଧିକ ବିଜୁ ପ୍ରେମୀ କର୍ମୀ, ସରପଞ୍ଚ, ସମିତି ସଭ୍ୟ, ମହିଳା ସଭାନେତ୍ରୀ ସଂଗଠକ ଯୋଗଦେଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

**ଯାଜପୁର,୭।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇ ଭାରତ, ଯାଜପୁର ପକ୍ଷରୁ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ "ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗ ଦେଇ ଭାରତୀୟ ଇତିହାସରେ କିଛି ପରାକ୍ରମୀ ଓ ସାହସୀ ମହିଳାଙ୍କ ଉଦାହରଣ ଦେଇଥିଲେ। ଅତିଥିମାନେ ଆତ୍ମରକ୍ଷା ତାଲିମ ଦେଉଥିବା ଟ୍ରେନରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ଦିବସରେ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇ ଜୁଡୋ, କରାଟେ, ବକ୍ସିଂ ଭଳି ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବସନ୍ତ ଉତ୍ସବ

**ପାଣିକୋଇଲି,୭।୩(ସମିସ):** ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ବସନ୍ତ ଉତ୍ସବ ସଂଗଠନର ସଭାଗୃହରେ ସଭାପତି ନୃସିଂହ ଚରଣ ଦଳାଇ ଙ୍କ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ ପୂର୍ବ ବୈଠକରେ ବିବରଣୀ ପାଠ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଭାବରେ ଆଜିର ସଭାରେ ଗୃହର ଅନୁମୋଦନ ଲାଭ କରିଥିଲା। ଏହା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥର ପୂର୍ବପାଶ୍ୱର୍ରେ ଅବସ୍ଥିତ ଅଳତିରି ଓ କାଙ୍କଲା ଗ୍ରାମର ଗ୍ରାମବାସୀଙ୍କ ଚାଷଜମି ପଶ୍ଚିମ ପାଶ୍ୱର୍ରେ ଅବସ୍ଥିତ ଦାମୋଦରପୁର ଗ୍ରାମରେ ଚାଷ ପାଇଁ ଏପଟରୁ ସେ ପଟକୁ ଯିବା ଆସିବା ପାଇଁ ଗୋଟିଏ ଗଳି ପୋଲର ଆବଶ୍ୟକତା ବିଷୟ ପ୍ରଶାସନର ନଜରକୁ ଅଣାଯିବା ପାଇଁ ନିଷ୍ପତି ହୋଇଥିଲା। ସର୍ବଶେଷରେ ପ୍ରସ୍ତାବ କ୍ରମରେ ସଂଖ୍ୟାଧିକ ଯାନବାହନର ଚଳାଚଳକୁ ଦୃଷ୍ଟି ଦେଇ ଟ୍ରାଫିକ ବ୍ୟବସ୍ଥାର ସୁନିୟନ୍ତ୍ରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ଦାବୀ କରାଯାଇଥିଲା। ଏ ସମସ୍ତ ସମସ୍ୟର ସମାଧାନ ପାଇଁ କର୍ତ୍ତୃପକ୍ଷ ଉପଯୁକ୍ତ ଧ୍ୟାନ ନ ଦେଲେ ବାଧ୍ୟ ହୋଇ ବରିଷ୍ଠ ନାଗରିକ ମଞ୍ଚ ପ୍ରତ୍ୟେକ୍ଷ ଆନ୍ଦୋଳନକୁ ଓହ୍ଲାଇବାକୁ ମଞ୍ଚର ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ ସଂପୃକ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଘୋଷଣା କରିଥିଲେ।

# ଐତିହାସିକ ଧର୍ମଶାଳା ମୁନସୀ ମେଳଣ ଉଦ୍‌ଯାପିତ



ଧର୍ମଶାଳା



ବରୀ



ମଙ୍ଗଳପୁର

**ଧର୍ମଶାଳା,୭।୩(ସମିସ):**

ଧର୍ମଶାଳା ହାଟପଡିଆ ଠାରେ ୧୪୯ତମ ମୁନସୀ ମେଳଣ ଆଜି ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମେଳଣ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ଶେଷ ହୋଇଛି। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ଥାନା ପରିସରରେ ଅନୁଷ୍ଠିତ ସଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାତ୍ର ଓ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭଜନ ଶୁଣିବାର ଆନନ୍ଦ ନେଇଥିଲେ। ରାତି ୧୨ଟା ପରେ ପ୍ରଥମେ ଚୋରମୁହାଁର ଥାନପତି ବିମାନ ବାଜା ବାଣ ରୋଷଣୀରେ ଆସି ମେଳଣ ପଡିଆ ଚାରାରେ ବିରାଜମାନ ହୋଇଥିଲେ। ପରେ ଗୋପାଳପୁର, ସ୍ୱାଇଁସାହି, କୁଣ୍ଡପାଟଣା, ଡିହସାହି, ଚକଗୋପାଳପୁର, ପ୍ରଥମଖଣ୍ଡି, ତରାପୁର, କୋଳଥଳ, ବଡଚଣାବାରି, ନରସିଂହପୁର, ଦୁବଗଡିଆ, ଚହଟା, ଦୌଲତପୁର, ନାଉପାଳ, ବାଲିଗରି, ଅଚ୍ୟୁତପୁର, ହରିପୁର, କୋହ୍ଲା, ବଂଟରାଶାଶନ, ବାଟିଜଙ୍ଘା, ଭୁଷଣ୍ଡପୁର, ଶ୍ରୀମନ୍ତପୁର, ଅଭୟପୁର, ନିଳାଦେଇପୁର, ରାଣୀବନ୍ଧୀ ଆଦି ସ୍ଥାନରୁ ୩୫ ଗୋଟି ରାଧାକୃଷ୍ଣଙ୍କ ବଡ଼ ବିମାନ ଅଂଶଗ୍ରହଣ କରି ଫଗୁ ଖେଳିଥିବା ବେଳେ ପାଖାପାଖି ୩୫ ଗୋଟି ଛୋଟ ବିମାନ ଏଥିରେ ଅଂଶଗ୍ରହଣ କରିଥିଲେ। ବିମାନ ସହିତ ଅସିଥିବା ଠାକୁରବାଡିଆମାନେ ବାଜା, ବାଣ ଓ ଭଜନ କୀର୍ତ୍ତନ ରୋଷଣୀ କରି ମେଳଣ ପଡିଆସ୍ଥିତ ଚାରାରେ ବିଜେ କରିଥିଲେ। ବ୍ରିଟିସ ଅମଳରୁ ହୋଇ ଆସୁଥିବା ଏହି ମେଳଣରେ ପୁଲିସ ଓ ସାଧାରଣ ଲୋକେ ଏକାକାର ହୋଇ ପରସ୍ପରକୁ ଅବିର ଲାଗାଇଥାନ୍ତି। ଗୋଟିଏ ଦିନ ପଇଁ ପୁଲିସ ସାଧାରଣ ଲୋକଙ୍କ ସହିତ ମିଶି ଭାଇଚାରାକୁ ବଢ଼ାଇବା ସହ ହୋଲି ଖେଳି ପରସ୍ପରକୁ ସ୍ୱାଗତ କରିଥାନ୍ତି। ମେଳଣ କମିଟିର ଉପଦେଷ୍ଟା ବିପିନ ବିହାରୀ ନାୟକ, ସଭାପତି ତଥା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ, କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ଉପସଭାପତି ଆଲୋକ ଲେଙ୍କା, ନାରାୟଣ ମଲିକ, ଗଗନବିହାରୀ ବରାଳ, ସମ୍ପାଦକ ପ୍ରମୋଦ ଦାସ, ସହସମ୍ପାଦକ ଶରତ ଓଝା, ସାଂସ୍କୃତିକ ସମ୍ପାଦକ ପ୍ରବୋଧ ପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉଳ, ସଂଯୋଜକ ଦେବରାଜ ମିଶ୍ର, ରବୀନ୍ଦ୍ର ମହାନ୍ତି, ବିଚିତ୍ର କୁମାର ସ୍ୱାଇଁ.ସନ୍ତୋଷ କୁମାର ଜେନା, ସବ୍ୟସାଚୀ ସୁନ୍ଦରରାୟ, ପ୍ରଫୁଲ୍ଲ ରାଉତ,ଅମୀୟ ମହାନ୍ତି, ଗଙ୍ଗାଧର ମହାରଣା, ନୃସିଂହ ମହାନ୍ତି, ଜ୍ଞାନେନ୍ଦ୍ର ରାଉତ,ରମେଶ ମହାନ୍ତି, ରବିନ୍ଦ୍ର ଦାସ, ବିଷ୍ଣୁ ଚରଣ ପଣ୍ଡା, ପର୍ଶୁରମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ରାଉତ, ଅୟେସକାନ୍ତ ଦାସ, ଦେବୀ ପ୍ରସନ୍ନ ଦାଶ ଉପସ୍ଥିତ ରହି ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କମିଟିର ସଭାପତି ସମ୍ପାଦକ ଓ ସଦସ୍ୟମାନେ ବିମାନରେ ବିରାଜମାନ ଠାକୁରଙ୍କ ନିକଟରେ ଭୋଗ ଲଗାଇ ବିଦାୟ ଦେଇଥିଲେ।

### ବୁଢ଼ୀ ଜାଗୁଳାଇ ମେଳଣ ଉଦ୍‌ଯାପିତ

**ବରୀ:** ଯାଜପୁର ଜିଲ୍ଲାର ବରୀ ବ୍ଲକ୍ ଅନ୍ତର୍ଗତ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ବାଲିଆ ଠାରେ ଶତାଧିକ ବର୍ଷର ପ୍ରାଚୀନ ବାଲିଆ ମେଳଣ ଶୁକ୍ରବାର ମଧ୍ୟ ରାତ୍ରରୁ ଆରମ୍ଭ ହୋଇ ଶନିବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମ ସ୍ଥାନରେ ଅନୁଷ୍ଠିତ ଏହି ମେଳଣରେ ଥାନପତି ଭାବେ ସ୍ଥାନୀୟ ରାଧାମୋହନ ବିମାନ ଶୋଭା ପାଇଥାନ୍ତି। ଏତଦ୍ ଭିନ୍ନ ଗୋପିନାଥ ବିମାନ ଶଙ୍କରାକୂଳର ରାଧାଗୋବିନ୍ଦ, ନାଥପୁର କେନ୍ଦୁଆର ଶ୍ରୀଜଗନ୍ନାଥଜୀଉ, କଳାଖଣ୍ଡର ଗୋପିନାଥ ଜୀଉ, ଗୋପାଳ ଜୀଉ ମଠ ବାଲିଆ-ଇଶାଣପୁରର ବିମାନ, ସାଉଡିଆର ରାଧାଗୋବିନ୍ଦ ବିମାନ ଗୁଡିକ ବହୁ ଆଡମ୍ବରରେ ମେଳଣ ପଡିଆରେ ପହଞ୍ଚିଥିଲେ। ପାରମ୍ପାରିକ ବାଡି ଖେଳ, ଷଣ୍ଢ ଲଢେଇ, ଘୋଡାନାଚ, ବାରୁଆଳି ନୃତ୍ୟ, ମୟୁର ନୃତ୍ୟ, ଅଘୋରୀ ନୃତ୍ୟ ସହ ଭଜନ କିର୍ତ୍ତନ ମାଧ୍ୟମରେ ବିମାନ ଗୁଡିକ ମେଳଣ ପଡିଆ ନିକଟକୁ ଆସୁଥିବାବେଳେ ରଙ୍ଗିନ୍ ଆତସବାଜି ଶୋଭାଯାତ୍ରାକୁ ଆହୁରୀ ଆର୍କଷଣୀୟ କରିଥିଲା। ବିମାନଗୁଡିକ ସ୍ଥାନୀୟ ଗ୍ରାମଦେବତୀ ମା ଜାଗୁଳାଇଙ୍କ ପୀଠ ନିକଟରେ ପହଞ୍ଚିବା ପରେ ବାଲିଆ ମେଳଣ ପରିଚାଳନା କମିଟିର କର୍ମକର୍ତ୍ତାମାନେ ପାଛୋଟି ନେବା ସହ ବିମାନକୁ ନେଇ ଆସିଥିବା କର୍ତ୍ତାମାନଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ପୂର୍ବକ ସ୍ୱାଗତ କରିଥିଲେ। ଏହି ମେଳଣକୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଉପଭୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ଶେଷହେଲା ଓଳସାହି ମେଳଣ

**ମଙ୍ଗଳପୁର:** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥ ବୌଳାଙ୍ଗ ହାଟ ପଡିଆରେ ଅନୁଷ୍ଠିତ ଓଳସାହି ମେଳଣ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଯାଇଛି। ବୌଳାଙ୍ଗ ହାଟ ପଡିଆରେ ଏହି ମେଳଣ ଅନୁଷ୍ଠିତ ହେଉଥିବା ବେଳେ ଏହି ମେଳଣର ନାମ ଓଳସାହି ମେଳଣ ନାମରେ ଜଣାଶୁଣା। ଏହି ମେଳଣର ମୁଖ୍ୟ ହେଉଛନ୍ତି ଛଚିଣା ଚୌଧୁରୀ ଦେବ ପ୍ରସନ୍ନ ରାଉତ ରାୟ ମହାପାତ୍ର। ୫ ତାରିଖ ରାତିରେ ପ୍ରଥମେ କନିକାପଡା ନାଲପୁର ଠାକୁର ସାହିର ଶ୍ୟାମ ସୁନ୍ଦରଜିୟୁ ଠାକୁର ଥାନପତି ଭାବେ ମେଳଣ ପଡିଆରେ ଅବସ୍ଥାପିତ ହେବା ପରେ ପରେ ଛଚିଣାର ବୃନ୍ଦାବନଚନ୍ଦ୍ରଜିୟୁ ଠାକୁର ଅବସ୍ଥାପିତ ହୋଇଥାନ୍ତି। ମେଳଣ ପଡିଆଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ମଙ୍ଗଳପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରା ଉପସ୍ଥିତ ରହି ତଦାରଖ କରିଥିଲେ। ଶନିବାର ଦିନ ପ୍ରାୟ ୩ଟା ସମୟରେ ଭୋଗ ଲାଗିବା ପରେ ମେଳଣ ଭାଙ୍ଗିଥିଲା। ସମସ୍ତ ଠାକୁର ମାନେ ନିଜ ନିଜ ଗ୍ରାମକୁ ଫେରିଥିଲେ। ସମାଜସେବୀ ନରେଶ ରାଉତ, ବୌଳାଙ୍ଗ, ଓଳସାହି, ମଧୁପୁର ଓ ପାଖ ପଡ଼ୋଶୀ ଗ୍ରାମର ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁଁ' ▶ ବିଭିନ୍ନ ମେଳଣରେ କମ୍ପିଲା ଡିଜେ; ହଜିଗଲା ପାରମ୍ପରିକ ବାଦ୍ୟ

ଧାମନଗର, ୭।୩(ସମିସ)




ଧାମନଗର ସହରାଞ୍ଚଳରେ ପରମ୍ପରା, ସଂସ୍କୃତି, ଐତିହ୍ୟ ଓ ଆଧ୍ୟାତ୍ମିକତାର ବାର୍ତ୍ତା ବହନ କରୁଥିବା ରଙ୍ଗ ଓ ଭାଇଚାରାର ପର୍ବ ହୋଲି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମେଳଣ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଏବଂ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍‌କୁ ପ୍ରାୟ ସମସ୍ତ କମିଟି ପକ୍ଷରୁ ଏହାକୁ ଫୁଁ' କରିଦେଇଥିବା ଦେଖିବାକୁ ମିଳିଛି। ପାରମ୍ପରିକ ବାଦ୍ୟରେ ମେଳଣ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ଏହାର ଓଲଟା ସ୍ଥିତି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ହଜିଯାଇଥିବାବେଳେ ଡିଜେ ବାଦ୍ୟରେ ସାରା ଅଞ୍ଚଳ କମ୍ପିଥିଲା। ଫଳରେ ଅନେକ ଜନସାଧାରଣ ବିଶେଷକରି ବରିଷ୍ଠ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

ଋତୁରାଜ ବସନ୍ତର ଆଗମନୀ ପର୍ବ ହୋଲି ବୋଲି କିଛି ମତ ଦିଅନ୍ତି। ବିଭିନ୍ନ ପୌରାଣିକ ଓ କିମ୍ବଦନ୍ତୀ ଅନୁସାରେ ରାଧାକୃଷ୍ଣଙ୍କ ପ୍ରେମମୟ ଉତ୍ସବ ହୋଲି ପର୍ବ କେବଳ ସେମାନଙ୍କ ଅମର ପ୍ରେମକୁ ରଙ୍ଗାୟିତ କରିବା ଦୋଳ ମେଳଣର ସୃଷ୍ଟି ବୋଲି ଜନବିଦିତ ଥିବାବେଳେ ପ୍ରହ୍ଲାଦ ଆଖ୍ୟାନରେ ହୋଲିକାକୁ ଦହନ ହୋଲି ପର୍ବ ପାଳନର ଅନ୍ୟ ଏକ ଦୃଷ୍ଟାନ୍ତ ବୋଲି କିଛି ପୁରାଣବିତ୍ ମତ ଦିଅନ୍ତି। ଭକ୍ତ ଓ ଭଗବାନ ଏକାଠି ହେବା ପରମ୍ପରା ଓ ଉତ୍ସବ ମଧ୍ୟରେ ହୋଲି ଏବଂ ଫଗୁ ଉତ୍ସବ ଅତି ପ୍ରାଚୀନ। ଏହି ଉତ୍ସବରେ ପରମ ପ୍ରେମମୟ ଠାକୁର ତାଙ୍କ ଶାଶ୍ୱତ ଅଂଶ ଶ୍ରୀରାଧାଙ୍କ ସହ ଭକ୍ତଙ୍କ ନିକଟତର ହୁଅନ୍ତି। ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଫଗୁଣ ପୂର୍ଣ୍ଣିମା ସର୍ବଜନବିଦିତ। ଏହାର ଗୁରୁତ୍ୱ ଏବଂ ମହତ୍ୱ ଅନନ୍ୟ। ମଧୁମାସ ଭାବେ ପରିଚିତ ଫାଲ୍‌ଗୁନ ମାସ ଶୁକ୍ଲପକ୍ଷର ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପର୍ବକୁ ଫଗୁ (ହୋଲି) ଉତ୍ସବ ଓ ପୂର୍ଣ୍ଣିମାଠାରୁ ପଞ୍ଚମୀ ପର୍ଯ୍ୟନ୍ତ ପର୍ବକୁ ପଞ୍ଚୁଦୋଳ କୁହାଯାଏ। ଏହି ଅବସରରେ ଗୁରୁବାର ରାତିରେ ଧାମନଗର ସହରାଞ୍ଚଳ ଅଧୀନସ୍ଥ ମେଡିକାଲ ବଜାର ନିକଟସ୍ଥ ଶ୍ୟାମପୁରସ୍ଥିତ ମେଳଣ ପଡ଼ିଆଠାରେ ଶ୍ୟାମସୁନ୍ଦର ମେଳଣ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ୟାମପୁର ଗ୍ରାମର ରାଧାକୃଷ୍ଣ ଶ୍ରୀଜୀଉଙ୍କୁ ପ୍ରଥମେ ମେଳଣ ମଣ୍ଡଳରେ ସ୍ଥାନ ଅଳଙ୍କୃତ କରିଥିଲେ। ଏହାପରେ କର ସାହି, ଗୋହିରାପଡ଼ା, ମନ୍ତେଇ ବାଟି, ବଜାର ସାହି, ଥାନପତି, ବାଣୁଆଆଡ଼ି, କୋରିଗାଁ, ଗଡଡ଼ ସାହି ଆଦି ଅଞ୍ଚଳରୁ ଶ୍ରୀରାଧାଗୋବିନ୍ଦ ଶ୍ରୀଜୀଉଙ୍କୁ ସୁସଜ୍ଜିତ କରି ବିଭିନ୍ନ ସାହିବସ୍ତିରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ମେଳଣ ମଣ୍ଡପଠାରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ମେଳଣ କମିଟି ତରଫରୁ ସମସ୍ତ ଶ୍ରୀଜୀଉଙ୍କୁ ସ୍ୱାଗତ କରିଥିବାବେଳେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହ ମେଳଣ ହେଉଛି ଅଞ୍ଚଳର ସର୍ବ ପୁରାତନ ତଥା ୨୫୦ ବର୍ଷରୁ ଊର୍ଦ୍ଧ୍ୱ କାଳର ଅନୁଷ୍ଠାନ। ଆଖପାଖ ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିମାନରେ ବିଜେହୋଇ ଠାକୁରମାନେ ଏହି ମେଳଣ ପଡ଼ିଆକୁ ଆସନ୍ତି। ଏହି ମେଳଣ ସହିତ ଲୁଣିଆ (ମଢ଼ାଗଡ଼ିଆ) ଏବଂ ସହିଦ ନଗର ମେଳଣ ଓ ତା' ପୂର୍ବରୁ ପଳିକିରୀ, ସୂର୍ଯ୍ୟପୁର, ଅର୍ଜୁନପୁର ଓ ପରେ କୁରୁଆ ଏବଂ ଧାମନଗର ମେଳଣ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ କମ୍ ଥିବାବେଳେ ଡିଜେ ବାଦ୍ୟର ଛାତିଥରା ଶବ୍ଦରେ ଦୁଲୁକିଲା ଏହି ସବୁ ସ୍ଥାନର ମେଳଣ। ଚୁଡ଼ାକୁଟି, ମଙ୍ଗଳାପଦା ମେଳଣ ଏଥିସହିତ ଧାମନଗର ଅଞ୍ଚଳର ପାଳସାହି, ଅସୁରାଳି, କଟସାହି ଇତ୍ୟାଦି ସ୍ଥାନରେ ଦୋଳ ମେଳଣ ଭକ୍ତି ଆନନ୍ଦର ସହ ପାଳିତ ହୋଇଛି। ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧାମନଗର ଆଇଆଇସି ସୁବ୍ରଜିତ ଦାଶ ଏବଂ ଧୂଷୁରୀ ଆଇଆଇସି ଅଜୟ ସୁଦର୍ଶନ ବେଜଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସର ପାଟ୍ରୋଲିଂ ସହିତ ବିଭିନ୍ନ ଛକ ବଜାର ମେଳଣ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

## ଭଦ୍ରକ ଜିଲ୍ଲାରେ ଧାନକିଣା
# ସାମିଲ୍ ହେଲେ ସମ୍ବଲପୁର ଜିଲ୍ଲାର ୧୧ ମିଲର



**ଭଦ୍ରକ, ୭।୩(ସମିସ):** ଧିମେଇ ଧିମେଇ ଚାଲିଥିବା ଭଦ୍ରକ ଜିଲ୍ଲାର ଧାନକିଣାକୁ ଆଗେଇନେବା ପାଇଁ ଶନିବାର ସମ୍ବଲପୁରର ୧୧ଟି ମିଲର ଧାନ କିଣିବା ପାଇଁ ଏଗ୍ରିମେଣ୍ଟ କରିଛନ୍ତି। ତେବେ ଖବର ଲେଖା ହେବା ଯାଏଁ ସେମାନଙ୍କୁ ଟାର୍ଗେଟ ଦିଆଯାଇନାହିଁ। ମିଲରମାନଙ୍କ ବ୍ୟାଙ୍କ ଜମାରାଶି(ବିଜି) ଅନୁଯାୟୀ ୩ ଲକ୍ଷ କ୍ୱିଣ୍ଟାଲ ଧାନ ସେମାନେ କ୍ରୟ କରିପାରିବେ। ଏବେ ଜିଲ୍ଲାର ୧୫୫ଟି ମଣ୍ଡିରେ ୪ ଲକ୍ଷ ୩୬ ହଜାର ୧୬୪.୩୯ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ତେବେ ଅନୁସନ୍ଧାନରୁ ଜଣାଯାଇଛି ଯେ, ବରହମପୁର ଓ କେନ୍ଦ୍ରାପଡ଼ାର କେତେକ ମିଲରଙ୍କୁ ଧାନକିଣାରେ ସାମିଲ୍ କରାଯିବ। ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲ୍ଲାରେ ୨୨ଲକ୍ଷ ୧୭ହଜାର ୪୩୧ କ୍ୱିଣ୍ଟାଲ ଧାନକିଣାର ଟାର୍ଗେଟ ଥିଲା। ତେବେ ଆଜି ସୁଦ୍ଧା ୨୧ଲକ୍ଷ ୪୭୭.୭୯୮ କ୍ୱିଟାଲ ଧାନ କିଣାଯାଇଛି। ଚଳିତ ବର୍ଷ ୯୬ହଜାର ୨୩୩ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୫୫ ହଜାର ୩୧୪ ଚାଷୀଙ୍କଠାରୁ ଧାନ କିଣାଯାଇଛି। ୪୩ ହଜାର ୧୧୯ ଟୋକନ ଧାନକିଣା ଲାଗି ବାକି ରହିଛି। ମଣ୍ଡିରୁ ଧାନ ଉଠୁ ନ ଥିବା ନେଇ ଚାଷୀ ଚିନ୍ତିତ ଥିବାବେଳେ ପାଣିପାଗ ବିଭାଗର ଆଗକୁ ବଡ଼ ବର୍ଷାର ସୂଚନା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଅନ୍ୟପକ୍ଷରେ ଧାନକିଣାରେ ଅସହଯୋଗ କରୁଥିବା ପାକ୍ସର କର୍ମକର୍ତ୍ତାମାନେ ମଣ୍ଡିରେ ପଡ଼ି ରହିଥିବା ଧାନକୁ ଉଠାଇବାରେ ସହଯୋଗ କରିବା ସହ ସମ୍ପୂର୍ଣ୍ଣ ଧାନ ଉଠାଇବାକୁ ସମବାୟ ସଂଘର ପ୍ରମୁଖ ପ୍ରକାଶଜ୍ୟୋତି ମହାକୁଡ଼ ଦାବି କରିଛନ୍ତି। ତେବେ ମାର୍ଚ୍ଚ ଶେଷ ସୁଦ୍ଧା ଧାନ ସଂଗ୍ରହ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ନେଇ ସଂଶୟ ସୃଷ୍ଟି ହୋଇଛି।

# ଗୋ-ପାଳନ ଓ କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ

**ଅସୁରାଳି, ୭।୩(ସମିସ):** ସମାଜରେ ମହିଳାଙ୍କ ସଶକ୍ତୀକରଣ କେବଳ ବ୍ୟକ୍ତିଗତ ଉନ୍ନତିର କଥା ନୁହେଁ, ଏହା ସମଗ୍ର ସମାଜର ପ୍ରଗତି ସହିତ ଗଭୀର ଭାବରେ ଜଡ଼ିତ। ଯେତେବେଳେ ମହିଳାମାନେ ଆତ୍ମନିର୍ଭର ହୋଇଥା'ନ୍ତି, ସେମାନଙ୍କ ପରିବାର, ଗ୍ରାମ ଓ ସମାଜ ଦ୍ରବ୍ୟ ଉତ୍ପାଦନ କରି, ନିଜ ପରିବାର ସହିତ ସମଗ୍ର ଗ୍ରାମର ପୋଷଣର ମାଧ୍ୟମ ହୋଇଛନ୍ତି। କେବଳ ସେତିକି ନୁହେଁ, ୨୦୦ ବାଳିକାଙ୍କୁ ଗୁଣାତ୍ମକ ସିଲେଇ ଶିକ୍ଷା ପ୍ରଦାନ କରି, ସେମାନଙ୍କ ରୋଜଗାରର ନୂଆ ବାଟ ଖୋଲିଦେଇଛନ୍ତି। ବିମଳାଙ୍କ ଉଦାହରଣ ପ୍ରମାଣ କରେ ଯେ,



ସମଗ୍ର ଭାବରେ ଉନ୍ନତିର ପଥରେ ଆଗୁଆ ଥାଏ। ଗୋବିନ୍ଦପୁରର ବିମଳା ନାଥ ଏକ ପ୍ରେରଣାଦାୟୀ ଉଦାହରଣ। ଗୋବିନ୍ଦପୁର ଗ୍ରାମର ୫୦ ବର୍ଷୀୟ ବିମଳା ନାଥ ଏହି ପରିପ୍ରେକ୍ଷୀରେ ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଗୋ-ପାଳନ ଓ କୁକୁଡ଼ା ପାଳନ ଦ୍ୱାରା ନିଜକୁ ସ୍ୱାବଲମ୍ବୀ କରିଛନ୍ତି। ୨୦୦୦ କୁକୁଡ଼ା ପାଳନ କରି ସେଥିରୁ ଅଣ୍ଡା ଓ ମାଂସ ଆଖପାଖ ଅଞ୍ଚଳର ଲୋକଙ୍କୁ ପୁଷ୍ଟି ଯୋଗାଇଛନ୍ତି। ସେହିପରି ଜର୍ସି ଗାଈ ରଖି ସେଥିରୁ ଦୁଗ୍ଧ ଓ ଦୁଗ୍ଧଜାତ ମହିଳାମାନେ ଯଦି ଦୃଢ଼ ସଂକଳ୍ପ ନେଇ କାମ କରନ୍ତି, ସେମାନେ କେବଳ ନିଜ ପରିବାରକୁ ନୁହେଁ, ସମଗ୍ର ସମାଜକୁ ଉନ୍ନତିର ପଥରେ ଆଗକୁ ଆଣିବାରେ ସକ୍ଷମ। ଏହି ବିଶ୍ୱ ମହିଳା ଦିବସରେ ବିମଳା ନାଥଙ୍କ ଜୀବନରୁ ଆମେ ଶିଖିପାରୁ ପରିଶ୍ରମ ଓ ଦୃଢ଼ ସଂକଳ୍ପ ହେଉଛି ମହିଳା ସଶକ୍ତୀକରଣର ମୂଳ ଆଧାର। ସମସ୍ତେ ଯଦି ତାଙ୍କ ପରି ଆତ୍ମନିର୍ଭର ହେବାକୁ ଚେଷ୍ଟା କରନ୍ତି, ତେବେ ସମାଜର ପ୍ରଗତୀ ନିଶ୍ଚିତ ହେବ।

# ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ



**ଧାମନଗର, ୭।୩(ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରର କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆବେଦନକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ କୌଣସି ସମୟସୀମା ନ ଥିବାରୁ ଲୋକେ ମାସ ମାସ ଧରି ଅପେକ୍ଷା କରୁଛନ୍ତି।

ସୂଚନା ଅନୁଯାୟୀ, ପ୍ରମାଣପତ୍ର ପଞ୍ଜୀକରଣ କେନ୍ଦ୍ରରେ ବିଭାଗୀୟ କର୍ମଚାରୀଙ୍କ ମନମୁଖୀ ଯୋଗୁଁ ଲୋକମାନେ ଦୂରଦୂରାନ୍ତରୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ବିଭାଗରେ କାର୍ଯ୍ୟରତ କର୍ମଚାରୀ ସ୍ଥାନୀୟ ଅଞ୍ଚଳ ଓ ସରକାରୀ ଦଳର ହୋଇଥିବାରୁ କାହାରିକୁ ଖାତିର୍ ନ କରି ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ନାଲି ଆଖି ଦେଖାଇ ନିଜ ମନମାନୀରେ କାର୍ଯ୍ୟ କରୁଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ମେଡିକାଲ ଅଫିସରଙ୍କ ସହ ଯୋଗାଯୋଗ କରିବାରୁ କ୍ଷମତାରେ ଚାପିହୋଇ କହିଛନ୍ତି ଯେ ପଞ୍ଜୀକରଣ କେନ୍ଦ୍ରରେ ଜଣେ କାର୍ଯ୍ୟ କରୁଛି। ତେଣୁ କର୍ମଚାରୀ ଅଭାବ ଯୋଗୁଁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି ବୋଲି ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ତାଙ୍କ ପ୍ରତିକ୍ରିୟାରେ ସଫେଇ ଦେଇଛନ୍ତି। ଏପଟରେ ସରକାର କହୁଛନ୍ତି ଓଡ଼ିଶାରେ ଲୋକଙ୍କ ସରକାର ଚାଲିଛି। ମନ୍ତ୍ରୀଙ୍କ ନିଜ ଅଞ୍ଚଳରେ ପୂରା ଏହାର ବିପରୀତ ଦେଖାଦେଇଥିବା ବେଳେ ଯାହାକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଏ ଦିଗରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ, ଜିଲ୍ଲା ଚିକିତ୍ସା ଅଧିକାରୀ ଏବଂ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ ନିମନ୍ତେ ଉକ୍ତ ବିଭାଗରେ ଆଉ ଜଣେ କର୍ମଚାରୀକୁ ନିଯୁକ୍ତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ସାଧାରଣ ଜନତା ପ୍ରମୁଖ ଦାବି କରିଛନ୍ତି।

# ଗମେଇ ନଦୀର ଉନ୍ନତିକରଣ ପାଇଁ ଶିଳାନ୍ୟାସ



**ବାସୁଦେବପୁର, ୭।୩(ସମିସ):** ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତର ତାମିଲସୁଆଁଠାରେ ଗମେଇ ନଦୀର ଜଳ ନିଷ୍କାସନ କରିବା ପାଇଁ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ କୋଟି ୬୨ ଲକ୍ଷ ୫୩ ହଜାର ୩୩୬ ଟଙ୍କାର ବ୍ୟୟରେ ଖନନ କରିବା ପାଇଁ ଶିଳାନ୍ୟାସ କରିଛନ୍ତି। ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଭଦ୍ରକ ଶାଖା ପକ୍ଷରୁ ଆୟୋଜିତ ସଭାରେ ସାଂସଦ ଶ୍ରୀ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଅରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜଳ ସମ୍ପଦ ଓ ଜଳ ନିକାଶ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଗମେଇ ନଦୀର ଉନ୍ନତିକରଣ ହେଲେ ବରଣ୍ଡୁଆ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ, ବାଲେଶ୍ୱର ଜିଲ୍ଲାର ସିମୁଳିଆ ବ୍ଲକର ଚାଲୁଣୀଗାଁ ପଞ୍ଚାୟତ, ପାଇତୋରଣା ପଞ୍ଚାୟତର ପ୍ରତାପପୁର ଗ୍ରାମର ଗ୍ରାମବାସୀ ଉପକୃତ ହେବେ। ପ୍ରତି ବର୍ଷ ବନ୍ୟାରେ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହେବାରୁ ରକ୍ଷା ପାଇବେ।

## ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତା
# ଓଡ଼ିଆ ଝିଅ କୀର୍ତ୍ତି ସିଂଙ୍କୁ 'ମେଲୋଡି ଅଫ୍ ଡେଜାର୍ଟ' ମୁକୁଟ




**ଭଦ୍ରକ, ୭।୩(ସମିସ):** 'ଦର୍ଶକ ସଂସ୍ଥା' ଦ୍ୱାରା ପ୍ରାୟୋଜିତ ୩୬ତମ ମହେନ୍ଦ୍ର ଭଞ୍ଜ ସ୍ମୃତି ଅଖିଳ ଭାରତୀୟ ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତାର ବିଜେତାଙ୍କ ଦ୍ୱାରା ପ୍ରସ୍ତୁତ ରଙ୍ଗାରଙ୍ଗ ଭବ୍ୟ ସମ୍ମାନ ସମାରୋହରେ ଭାବନାତ୍ମକ ଉଲ୍ଲାସ ସହ ଗରିମାମୟ ବାତାବରଣରେ ସମ୍ପନ୍ନ ହୋଇଯାଇଛି। ପଞ୍ଚଦିବସୀୟ ଏହି ସାଂସ୍କୃତିକ ମହୋତ୍ସବରେ ସୁର ସୌନ୍ଦର୍ଯ୍ୟ ଏବଂ ସଙ୍ଗୀତର ତ୍ରିବେଣୀ ସଂଗମକୁ ଦୃଷ୍ଟିରେ ରଖି ଅଭିଜ୍ଞ ସଙ୍ଗୀତ ବିଶାରଦଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ଶିଶୁ ସ୍ୱର ଶିଳ୍ପୀ କୀର୍ତ୍ତି ସିଂ(କ୍ରିଷ୍ଟା) ମାତ୍ର ୧୧ ବର୍ଷ ବୟସରେ ସ୍ୱକୀୟ ଗାୟନ ମାଧୁରୀରେ ଅଗଣିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବହୁ ପ୍ରତିଯୋଗୀଙ୍କୁ ପଛରେ ପକାଇ, ଆକର୍ଷଣୀୟ 'ମେଲୋଡି ଅଫ୍ ଡେଜାର୍ଟ' ମୁକୁଟ ପିନ୍ଧିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସର୍ବଶ୍ରେଷ୍ଠ ପ୍ରଦର୍ଶନ ଲାଗି ୨୫ହଜାର ଟଙ୍କାର ନଗଦ ପୁରସ୍କାର ସହ ଅନେକ ମାନପତ୍ର, ୪ଟି ସିଲ୍ଡ ହାସଲ କରିଛନ୍ତି। ରାଜସ୍ଥାନର ଜୟପୁର ସହରସ୍ଥିତ ଗାନ୍ଧୀନଗର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ସପ୍ତମ ଶ୍ରେଣୀର ଛାତ୍ରୀ କ୍ରିଷ୍ଟାଙ୍କ ଏକାଡେମିକ୍ କ୍ୟାରିୟର ମଧ୍ୟ ଉଲ୍ଲେଖନୀୟ। ସମଗ୍ର ଶ୍ରେଣୀରେ ସେ ପ୍ରାରମ୍ଭରୁ ସର୍ବଦା ପ୍ରଥମ ସ୍ଥାନ ବଜାୟ ରଖି ବିଦ୍ୟାଳୟର ପ୍ରିନ୍ସପାଲ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମହଲରେ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। କ୍ରିଷ୍ଟାଙ୍କ ମାଆ ଶୁଭାନୁ ସଂଘମିତ୍ରା ସିଂ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ଦାୟିତ୍ୱ ନିର୍ବାହ କରନ୍ତି।

# ୧୦ରୁ ବିଶାଳ ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ତିହିଡ଼ି, ୭।୩(ସମିସ):** ଓଡ଼ିଶାର ସର୍ବୋଚ୍ଚ ବିଶାଳ ଦେବୀ ମନ୍ଦିର ମା' ଦକ୍ଷିଣକାଳୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିହିଡ଼ି ବ୍ଲକ ନୟାନନ୍ଦଠାରେ ସାଧକ ପୀତାମ୍ବର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ସଚେତନ ସଂଘ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ମନ୍ଦିର ପ୍ରତିଷ୍ଠା ସମାରୋହରେ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ନାମକୀର୍ତ୍ତନ, ଘଣ୍ଟ ବାଦନ ଓ ଢୋଲ ମହୁରି ବାଦ୍ୟ ସହ



ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୧୧ ତାରିଖରେ ନୂତନ ବିଗ୍ରହ ସ୍ଥାପନ କରାଯିବା ସହ ଧ୍ୱଜା ସ୍ଥାପନ, ସହସ୍ରା କୁମ୍ଭାଭିଷେକ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ। ପରଦିନ ମା'ଙ୍କ ଉପଚାର ଓ ଗୀତା ପୁଟିତ ମହାଯଜ୍ଞ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାବେଳେ ୧୩ ତାରିଖରେ ଅଷ୍ଟାଦଶ ମହାବିଦ୍ୟା ଆବାହନ ପୂଜା ଓ ୧୪ରେ ମା' ଦକ୍ଷିଣକାଳୀଙ୍କର ସହସ୍ର ନାମ ମହାଯଜ୍ଞ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ରାହ୍ମଣମାନେ ଯୋଗଦେବେ। ପ୍ରତିଦିନ ହରିହାଟର ବ୍ୟବସ୍ଥା କରାଯାଇଛି ଓ ଦଶ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯିବ।

# ଯନ୍ତ୍ରୀଙ୍କ ଶଶୁର ଘରେ ଭିଜିଲାନ୍ସ ଚଢ଼ଉ

**ଦୋଲସାହି, ୭।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଜଳ ସମ୍ପଦ ବିଭାଗ ଅଧୀନ ଛତା ସବ୍ ଡିଭିଜନର ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଘର ସମେତ ୭ଟି ସ୍ଥାନରେ ଶନିବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ ହୋଇଛି। ଏହି ଚଢ଼ଉରେ ଯନ୍ତ୍ରୀ ପ୍ରମୋଦଙ୍କ ତିହିଡ଼ି ଥାନା ଅଧୀନ ବୁଢ଼ଙ୍ଗ ଗାଁରେ ଥିବା ଶଶୁର ଘରେ ଚଢ଼ଉ ହୋଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ଜଣାଯାଇଛି।

# ଆଗକୁ ଖରା; ସରୁନି ମେଗା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ



**ଧୂଷୁରୀ, ୭।୩(ସମିସ):** ଆଗକୁ ଆସୁଛି ଗ୍ରୀଷ୍ମ ଋତୁ। ଗାଁ ଗାଁରେ ଏବେଠାରୁ ଜଳାଭାବ ଦେଖାଦେଲାଣି। ଘରୋଇ ନଳକୂଅରୁ ଆଉ ବାହାରୁନାହିଁ ପର୍ଯ୍ୟାପ୍ତ ପାଣି। ଏହା କାହାଣୀ ନୁହେଁ ବାସ୍ତବ ସତ୍ୟ ବୋଲି ପ୍ରକାଶ କରିଛନ୍ତି ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତର ଡିଲୋ ଶାସନ, ଅନ୍ନପୂର୍ଣ୍ଣା ନଗର ଆଦି ୩ରୁ ୪ଟି ଗାଁର ବାସିନ୍ଦା। ପୂର୍ବ ସରକାରଙ୍କ ସମୟରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇ ଆସୁଛି ପାଣି ଟାଙ୍କି। ସରକାରଙ୍କ ଲକ୍ଷ୍ୟ ଥିଲା ଘରେ ଘରେ ପହଞ୍ଚିବ ପାଣି। ପାଣି ତ ଦୂରର କଥା ଆଜକୁ ୫ବର୍ଷରୁ ଅଧିକ ସମୟ ଧରି ପାଣି ଟାଙ୍କିର କାର୍ଯ୍ୟ ଚାଲିଛି। କେବେ ସରିବ ତାହାର ହିସାବ କାହା ପାଖରେ ନାହିଁ। ଅନ୍ୟପଟେ ଏ ଅଞ୍ଚଳରେ ୧୦୦ ଏକରରୁ ଅଧିକ ଜମିରେ କୃଷକମାନେ ରବି ଧାନ ଚାଷ କରୁଥିବାରୁ ଭୂତଳ ଜଳସ୍ତର କମିବାରେ ଲାଗୁଛି। ସରକାରୀ ଓ ବେସରକାରୀ ଭାବେ ଗାଁର ଚତୁଃପାର୍ଶ୍ୱରେ ଭୂତଳ ଜଳ ପାଇଁ ଲାଗିଛି ୨୦ରୁ ଅଧିକ ବୋର୍‌ୱେଲ୍। ଅନବରତ ଜଳ ନିଷ୍କାସନ ହେଉଛି। ଯେଉଁଥିପାଇଁ ଜଳସ୍ତର କମୁଛି। ଘରୋଇ ନଳକୂଅରୁ ପାଣି ବହୁ କଷ୍ଟରେ ବାହାରୁଛି। ଯାହାକି ଗ୍ରାମବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜନେତା ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

ଭଦ୍ରକ, ୭।୩(ସମିସ)



ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଶନିବାର ଭଦ୍ରକ ଜିଲ୍ଲାର ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉପସ୍ଥିତ ଥିଲେ। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଉକ୍ତ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ। ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ୍ ଭାବରେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ ମହାଲେଖାପାଳ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ସରକାରୀ ଦଲିଲ୍, ନୋଟ୍‌ଶିଟ୍ ଓ ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏପରି ପ୍ରଶିକ୍ଷଣ ମାଧ୍ୟମରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ଆହୁରି ବୃଦ୍ଧି ପାଇବା ସହ ରାଜ୍ୟର ଭାଷା ନୀତି କାର୍ଯ୍ୟକାରୀ କରିବାରେ ଏହା

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସହାୟକ ହେବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଜିଲ୍ଲାପାଳ ସ୍ୱର୍ଣ୍ଣମୟୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ ଓ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରକାରୀ ଜମିରେ କୁକୁଡ଼ା ଫାର୍ମ ଅଭିଯୋଗ



ଭଣ୍ଡାରିପୋଖରୀ,୭।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପାଟୁଳି ପଞ୍ଚାୟତ ମୋବାରକପୁର ଗ୍ରାମର ସରକାରୀ ଜମିରେ କୁକୁଡ଼ା ଫାର୍ମ ନିର୍ମାଣ ହେଉଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜଣାଯାଇଛି। ଭଣ୍ଡାରିପୋଖରୀ-ଥଇଲା ଗ୍ରାମ୍ୟ ଉନ୍ନୟନ ରାସ୍ତାର ମୋବାରକପୁର ଗ୍ରାମର ସରକାରୀ ପ୍ଲଟ୍ ନଂ ୧୫୧୯ରେ ଏହି ଫାର୍ମ ନିର୍ମାଣ ହେଉଛି ବୋଲି ଗ୍ରାମବାସୀ ରବିନ୍ଦ୍ର କୁମାର ସାହୁ, ଧରଣୀଧର ଜେନା, ସନାତନ ସାହୁ, ଯୋଗେନ୍ଦ୍ର ନାୟକ ପ୍ରମୁଖ ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରି କୁକୁଡ଼ା ଫାର୍ମ ନିର୍ମାଣକୁ ବନ୍ଦ କରିବାକୁ ଦାବି କରିଛନ୍ତି। ନିର୍ମାଣାଧୀନ ଏହି କୁକୁଡ଼ା ଫାର୍ମ ବାସଗୃହ ବସ୍ତିଠାରୁ ମାତ୍ର ଶହେ ମିଟର ବ୍ୟବଧାନରେ ରହୁଛି। ଏହାଦ୍ୱାରା ଜନଜୀବନ ଓ ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ପ୍ରଭାବ ପକାଇବ ବୋଲି ଅଭିଯୋଗକାରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପୁନର୍ବାର ଅଭିଯୋଗକାରୀମାନେ ଗତ ଜାନୁଆରୀ ୨୭ ତାରିଖରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଏହା ବିରୋଧରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଜନଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ହୃଷୀକେଶ ବେହେରା ସୂଚନା ଦେଇଛନ୍ତି।

## ଆଶୀର୍ବାଦ ମହାନ୍ତି କୋହ୍ଲ ଏମ୍ଇ ସ୍କୁଲର ଗର୍ବ



ଭଦ୍ରକ,୭।୩(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ କୋହ୍ଲ ଏମ୍ଇ ସ୍କୁଲର ଗର୍ବ ଆଶୀର୍ବାଦ ମହାନ୍ତି। ସେ ବର୍ତ୍ତମାନ ଏହି ସ୍କୁଲର ଅଷ୍ଟମ ଶ୍ରେଣୀର ଅଧ୍ୟୟନରତ ଛାତ୍ର। ସେ ୨୦୨୩-୨୪ ଶିକ୍ଷା ବର୍ଷର ଷଷ୍ଠ ଶ୍ରେଣୀର ଛାତ୍ର ଥାଇ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଦେଇଥିଲେ। ଚଳିତ ମାସ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଆଶୀର୍ବାଦ ମହାନ୍ତି ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭଦ୍ରକ ଡିଇଓଙ୍କ କାର୍ଯ୍ୟାଳୟର ଚିଠି ନଂ ୨୩୪୨/୨୬ ମୂଳେ ଏହା ଜଣାପଡ଼ିଛି। ସେ ତିହିଡ଼ି ବ୍ଲକ୍ ପାଇଁ ଗର୍ବ ଓ ଗୌରବ ବୋଲି ପ୍ରଧାନଶିକ୍ଷକ ରମାକାନ୍ତ ଦାସ କହିଛନ୍ତି। ଆଶୀର୍ବାଦ ମହାନ୍ତି ହେଉଛନ୍ତି ଶିକ୍ଷୟିତ୍ରୀ ମହେଶ୍ୱତା ବଳ ଓ ସାମ୍ବାଦିକ ସୁବାସ ମହାନ୍ତିଙ୍କ ପୁଅ। ଏହି ସଫଳତା ପାଇଁ ସେ ପିତାମାତା, ଗୁରୁଜୀ ଗୁରୁମା', ତିହିଡ଼ି ବିଇଓ ଏବଂ ଭଦ୍ରକ ଡିଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା ପାଇଁ ସ୍କୁଲ ପରିସରରେ ଏକ ଉତ୍ସବ କରାଯାଇଛି। ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ସିଆର୍‌ସିସି ଚନ୍ଦନ ପାତ୍ର, ତ୍ରିନାଥ ସେଠୀ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର, ତପସ୍ୱିନୀ ଦାସ, ଭୁବନମୋହିନୀ ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଶୀର୍ବାଦ ମହାନ୍ତିଙ୍କୁ ସ୍କୁଲ ପକ୍ଷରୁ ଫୁଲତୋଡ଼ା ଓ ସ୍ୱତନ୍ତ୍ର ପ୍ରମାଣପତ୍ର ସହିତ ସମ୍ବର୍ଦ୍ଧନା ଦିଆଯାଇଛି।

## ଚୁଡ଼ାକୁଟି ମେଳଣରେ ଭାଗବତ ପାଠାଗାର ତରଫରୁ ଜଳଛତ୍ର

ଅସୁରାଳି,୭।୩(ସମିସ): ଧାମନଗର ବ୍ଲକ୍ ସରେଇ ଚୁଡ଼ାକୁଟି ପଞ୍ଚାୟତ ଅଧୀନ ଚୁଡ଼ାକୁଟି ବଜାରଠାରେ ଭାଗବତ ପାଠାଗାର ଆନୁକୂଲ୍ୟରେ ଐତିହାସିକ ଚୁଡ଼ାକୁଟି ମେଳଣରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦେଖି ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ଏହି ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ। ତତ୍ ସହିତ ବାଲୁକା ଶିଳ୍ପୀ ଗୋପାଳ ସାମଲ, ଭାଗବତ ପାଠାଗାରର ସଭାପତି ଲୀଳାମ୍ବର ଘୋଷ ଓ ସଦସ୍ୟସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହତ୍ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତ।

## ହୋଲିରେ ବିଶ୍ୱାସ ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ବଣ୍ଟନ



ଭଦ୍ରକ/ବନ୍ତ/ଆଗରପଡ଼ା,୭।୩(ସମିସ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସେବା ସଂଗଠନ ବିଶ୍ୱାସ ଫାଉଣ୍ଡେସନ। ଅସହାୟ ଓ ଦୁଃଖିରଙ୍କଙ୍କ ସହିତ ଅସୁବିଧାରେ ପଡ଼ିଥିବା ଲୋକଙ୍କ ପାଖରେ ସଦାସର୍ବଦା ବିଶ୍ୱାସ ଫାଉଣ୍ଡେସନ ପହଞ୍ଚି ସାହାଯ୍ୟର ହାତ ବଢ଼ାଇଥା'ନ୍ତି। ସେଥିପାଇଁ ଭଦ୍ରକ ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବିଶ୍ୱାସ ଫାଉଣ୍ଡେସନ। ସେହିପରି ହୋଲିରେ ଭଦ୍ରକ ସହର ବନ୍ଦ ଥିବାବେଳେ ମେଡିକାଲର ରୋଗୀଙ୍କ ସମ୍ପର୍କୀୟଙ୍କୁ ଖାଦ୍ୟ ଯୋଗାଇଥିଲେ ଫାଉଣ୍ଡେସନର କର୍ମକର୍ତ୍ତା। ଭଦ୍ରକ ସରକାରୀ ନୂଆ ମେଡିକାଲରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସମ୍ପର୍କୀୟ ଓ ଦୁଃଖିରଙ୍କି ଲୋକଙ୍କୁ ଖାଦ୍ୟ ଯୋଗାଇ ଭଦ୍ରକ ଜିଲ୍ଲାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏହି ସେବା କାର୍ଯ୍ୟକ୍ରମରେ ବିଶ୍ୱାସ ଫାଉଣ୍ଡେସନର ଉପଦେଷ୍ଟା ରବୀନ୍ଦ୍ର ଜେନା, ସଭାପତି ଜିତେନ୍ଦ୍ର ଜେନା, ଅକ୍ଷୟଗିରି, ପ୍ରତାପ ଖିଲାର, ରମେଶ ଚନ୍ଦ୍ର ଦାସ, ରତନ ମିଶ୍ର, ନିଳେଶ ବାରିକ୍, ବ୍ରଜମୋହନ ରାଉତ୍, ବିଜୟ ନାୟକ, ନାରାୟଣ ପରିଡ଼ା, ବୀରକିଶୋର ବାରିକ୍, ରାଜେଶ ଜେନା, ପିତାମ୍ବର ପତି, ରାଜୁ ପଣ୍ଡା, ବିଶ୍ୱଜିତ୍ ଗିରି, ଅକ୍ଷୟ ବାରିକ୍ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଅଡୁଆରେ ଗ୍ରାହକ ଓ କ୍ଷୁଦ୍ର ବ୍ୟବସାୟୀ

# ହ୍ରାସ ପାଉଛି ଖୁଚୁରା; ବଢ଼ୁଛି ଅନ୍‌ଲାଇନ୍ ପେମେଣ୍ଟ

ବାରିକପୁର,୭।୩(ସମିସ):

ସମ୍ପ୍ରତି ସହରଠାରୁ ଆରମ୍ଭ କରି ଗାଁ ଗହଳି ଦୋକାନ ବଜାରରେ ଖୁଚୁରା ଟଙ୍କାର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଛୋଟମୋଟ ବ୍ୟବସାୟୀ ଓ ଗ୍ରାହକମାନେ ଅନେକ ସମୟରେ ଅଡୁଆରେ ପଡୁଛନ୍ତି। ବିଶେଷକରି ଅନ୍‌ଲାଇନ୍ ପେମେଣ୍ଟ ଯୋଗୁଁ ଆଗଭଳି ଆଉ ଦୋକାନ ବଜାରରେ ଖୁଚୁରା ପଇସା କାରବାର ହେଉନାହିଁ। ଟଙ୍କାଏଠାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ନେଣଦେଣ ଏବେ ଅନ୍‌ଲାଇନ୍ ମାଧ୍ୟମରେ ହେଉଛି। ତେଣୁ ଖୁଚୁରା ଟଙ୍କାର ଚାହିଦା ଧୀରେଧୀରେ ହ୍ରାସ ପାଉଥିବା କୁହାଯାଉଛି। ବିଶେଷ କରି ଗାଁ ଗହଳି ବଜାରମାନଙ୍କରେ ଯେଉଁ କ୍ଷୁଦ୍ର ବ୍ୟବସାୟୀମାନେ ବେପାର ବଣିଜ କରୁଛନ୍ତି, ସେମାନେ ନଗଦ ଅର୍ଥ କାରବାର ବିନା ଅନେକ ସମସ୍ୟାକୁ ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ମାଳଦା, ସରସଦା, ମଞ୍ଜୁରୀ ରୋଡ୍, ବାରିକପୁର, ପଟାପୋଲ, ଆଖୁଆପଦା, ଛତାବର ପ୍ରମୁଖ ଗ୍ରାମ୍ୟ ବଜାରଗୁଡ଼ିକର ଛୋଟ ବ୍ୟବସାୟୀ ଓ ଜନସାଧାରଣମାନେ ଖୁଚୁରା ବିନା ଦହଗଞ୍ଜ ହେଉଥିବା ଦେଖାଯାଇଛି।

ଦୈନିକ ବଜାରକୁ ଆସୁଥିବା ଯୁବ ବର୍ଗମାନେ ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ଦେଇ ଜିନିଷ କ୍ରୟ କରୁଛନ୍ତି। ସେମାନଙ୍କ ପାଇଁ ଛୋଟମୋଟ ବଜାର ହାଟ କରିବାକୁ ପ୍ରାୟତଃ ଅସୁବିଧା ହେଉନାହିଁ। ଏପଟେ ଗାଁର ସାଧାରଣ ଲୋକଟିଏ ଯେତେବେଳେ କିଛି ଜିନିଷ କ୍ରୟ କରି ନଗଦ ଅର୍ଥ ଦେଉଛି ସେତେବେଳେ କିଛି ବ୍ୟବସାୟୀ ଖୁଚୁରା ଟଙ୍କା ଅଭାବରୁ ବଳକା ଅର୍ଥ ଗ୍ରାହକଙ୍କୁ ଫେରସ୍ତ ପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି। ବଳକା ଅର୍ଥ ବିନିମୟରେ ଅନ୍ୟ କିଛି ଜିନିଷ ନେବାପାଇଁ ଗ୍ରାହକମାନଙ୍କୁ କୁହାଯାଉଛି। ପାନ ଦୋକାନଠାରୁ ଆରମ୍ଭ କରି ରାସନ ଦୋକାନ ଯାଏଁ ସବୁଠି ଖୁଚୁରା ବିନା ସମସ୍ୟା ସୃଷ୍ଟି ହେଉଛି। ଏହାଛଡ଼ା ଯେଉଁ କ୍ଷୁଦ୍ର ଚାଷୀମାନେ ବଜାର ହାଟକୁ ପନିପରିବା ବେପାର ପାଇଁ ଆସୁଛନ୍ତି ସେମାନେ ଅଧିକ ସମସ୍ୟାରେ ପଡୁଛନ୍ତି। ଫୋନ୍ ପେ' ଓ ଗୁଗୁଲ୍ ପେ' ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ସେମାନେ ପନିପରିବା ବିକ୍ରି କରିପାରୁ ନାହାନ୍ତି। ଯଦିବା କେହି ଜିନିଷ କ୍ରୟ କରିବା ପରେ କୌଣସିମତେ ଅନ୍‌ଲାଇନ୍ ପେମେଣ୍ଟ କରୁଛି, ବେଳେବେଳେ ସର୍ଭର ସ୍ଲୋ ଯୋଗୁଁ ଅର୍ଥ ମିଳିବାରେ ବିଳମ୍ବ ହେଉଛି କିମ୍ବା ଟଙ୍କା ଆସୁନାହିଁ। ଏପରିକି ଗ୍ରାହକ ଯିବା ପରେ ମଧ୍ୟ ବିକ୍ରେତା ଅର୍ଥ ପାଉନାହାନ୍ତି। ଏ କ୍ଷେତ୍ରରେ ବ୍ୟବସାୟୀମାନେ ଅନେକାଂଶରେ କ୍ଷତି ସହୁଛନ୍ତି। ମୋଟାମୋଟି ଭାବେ ଅନ୍‌ଲାଇନ୍ କାରବାର ଯୋଗୁଁ କିଛି ସୁବିଧା ହେଉଥିବାବେଳେ ଦୋକାନ ବଜାରରେ ଟଙ୍କାପଇସା ନେଣଦେଣ ହ୍ରାସ ପାଉଛି। ଫଳରେ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଗ୍ରାହକମାନେ ଅନେକ କ୍ଷେତ୍ରରେ ଅସୁବିଧାରେ ପଡୁଛନ୍ତି।




### ସେମାନଙ୍କ ମତରେ...



ଆମେ ମହାଜନ ପାଖରୁ ଜିନିଷ କ୍ରୟ କରି ଅନ୍‌ଲାଇନ୍ ପେମେଣ୍ଟ କରୁଛୁ କିଛି ଅସୁବିଧା ନାହିଁ। ଗାଁ ଗହଳିରେ କିନ୍ତୁ ଜିନିଷ ପତ୍ର ବିକ୍ରି ପାଇଁ ନଗଦ ଅର୍ଥ କାରବାର ଉପରେ ଗୁରୁତ୍ୱ ରହୁଛି। ତେଣୁ ସମ୍ପ୍ରତି ଖୁଚୁରା ଅଭାବରୁ ଅସୁବିଧା ହେଉଛି।

**କମଳାକାନ୍ତ ସାମଲ, ରାସନ ଦୋକାନୀ**



ମୋ ଦୋକାନକୁ ଆସୁଥିବା ପ୍ରାୟତଃ ଯୁବକମାନେ ଅନ୍‌ଲାଇନ୍ ପେମେଣ୍ଟ କରୁଛନ୍ତି। ଯେତେବେଳେ ପିଲାଛୁଆ କିମ୍ବା ବୟସ୍କ ଲୋକ ଆସୁଛନ୍ତି ସେମାନେ ଖାଇ ସାରିବା ପରେ ନଗଦ ଅର୍ଥ ଦେଉଛନ୍ତି। ଖୁଚୁରା ଟଙ୍କାର ଅଭାବ ଯୋଗୁଁ ବାକି ଅର୍ଥ ଫେରସ୍ତ ପାଇଁ ମୁଁ ସମସ୍ୟାରେ ପଡୁଛି।

**ପରେଶ ବେହେରା, ଜଳଖିଆ ଦୋକାନୀ**



ପକେଟରେ ଟଙ୍କା ନ ଥିବାବେଳେ ଫୋନ୍ ପେ' ମାଧ୍ୟମରେ ଜିନିଷ ପତ୍ର କ୍ରୟ କରୁଛୁ। ଅନେକ ସମୟରେ ସର୍ଭର ସ୍ଲୋ ଯୋଗୁଁ ଦୋକାନ ବଜାରକୁ ଯାଇ ଅସୁବିଧାରେ ମଧ୍ୟ ପଡୁଛୁ।

**କ୍ଷୀରୋଦ ଖିଲାର, ଗ୍ରାହକ**

### ଏକ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବାକାଡ଼ି ଟାଇଗର ବିଜୟୀ



ବନ୍ତ/ଆଗରପଡ଼ା,୭।୩(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ବରହମପୁରସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପ ନିକଟ ପଡ଼ିଆରେ ଲକ୍ଷ୍ମୀନାରାୟଣ କ୍ରିକେଟ୍ କ୍ଲବ୍ ୧ ନମ୍ବର କମିଟି ପକ୍ଷରୁ ଅନୁଷ୍ଠିତ ଏକ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବାକାଡ଼ି ଟାଇଗର ବରପଦା ବିଜୟୀ ହୋଇ ଏ ବର୍ଷର ବିଜୟ ମୁକୁଟ ପିନ୍ଧିଛି। ଏକ ଦିବସୀୟ ରାତ୍ରୀକାଳୀନ କ୍ରିକେଟ୍ ମ୍ୟାଚ୍‌ରେ ମୋଟ୍ ୮ଟି ଟିମ୍ ଭାଗ ନେଇଥିବାବେଳେ ସେଥିମଧ୍ୟରୁ ଫାଇନାଲ ମ୍ୟାଚ୍ ବାକାଡ଼ି ଟାଇଗର ବରପଦା ଓ ମାଇଁ ଇଲେଭେନ ରାନ୍ଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାକାଡ଼ି ଟାଇଗର ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୩ ୱିକେଟ ହରାଇ ୩୫ ରନ୍ ସଂଗ୍ରହ କରିଥିବାବେଳେ ନିର୍ଦ୍ଧାରିତ ୬ ଓଭରରେ ୭ ୱିକେଟ ହରାଇ ମାଇଁ ଇଲେଭେନ ରାନ୍ଦିଆ ୩୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ବାକାଡ଼ି ଟାଇଗର ଏ ବର୍ଷର ବିଜେତା ଘୋଷଣା କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ ଓ ସମାଜସେବୀ ରମାକାନ୍ତ ଜେନା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବାବେଳେ ୱାର୍ଡ ସଭ୍ୟ ସୁବାସ ଚନ୍ଦ୍ର ଜେନା, ପ୍ରଭାତ ରାଉତ୍, ପ୍ରଦୀପ ବାରିକ୍, ରାମଚନ୍ଦ୍ର ସାମନ୍ତରାଏ, ରାଜକିଶୋର ଘଡ଼ାଇ, ଦୀପକ ବାରିକ୍, ନାରାୟଣ ବାରିକ୍ ପ୍ରମୁଖ ଉପସ୍ଥିତ ରହି ବିଜେତା ଟିମ୍ ବାକାଡ଼ି ଟାଇଗରକୁ ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରିଥିବାବେଳେ ଫାଇନାଲରେ ପରାଜିତ ଟିମ୍ ମାଇଁ ଇଲେଭେନ ରାନ୍ଦିଆକୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ରବୀନ୍ଦ୍ର ରାଉତ୍, ସମ୍ପାଦକ ଅନିଲ ଜେନା, ମାନସ ମହାନ୍ତି, ସରୋଜ ବାରିକ୍, ଜଗନ୍ନାଥ ଜେନା, ଜଗନ୍ନାଥ ରାଉତ୍, ନାରାୟଣ ଚନ୍ଦ୍ର ବାରିକ୍, ଶିବ ପ୍ରସାଦ ଜେନା, ସୌମ୍ୟ ରଞ୍ଜନ ସାମନ୍ତରାଏ, ନରେଶ ମହାନ୍ତି, ସତ୍ୟପ୍ରକାଶ ଘଡ଼ାଇ, ଚିନ୍ମୟ ଘଡ଼ାଇ, ରାହୁଲ ବାରିକ୍, ଶିବ ପ୍ରସାଦ ଘଡ଼ାଇ, ମାନସ ବାରିକ୍, ବସନ୍ତ କୁମାର ସାମନ୍ତରାଏ ପ୍ରମୁଖ ସହଯୋଗ କରିଥିଲେ।

### ଅନ୍ତର୍ଜାତୀୟ ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ:

## ହାଇଦରାବାଦ ବିଜୟୀ

ବନ୍ତ/ଆଗରପଡ଼ା,୭।୩(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମ୍‌ରେ ଟିଲୋ ଆଥ୍ଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୩୦ତମ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ଆୟୋଜିତ ମ୍ୟାଚ୍‌ରେ ନେକ୍ସଏଜ୍, ହାଇଦରାବାଦ, ଏଏଣ୍ଡଏସ୍, କୋଲକାତାକୁ ୫ ୱିକେଟରେ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ନେକ୍ସଏଜ୍, ହାଇଦରାବାଦ ବୋଲିଂ କରିବାର ନିଷ୍ପତ୍ତି ନେବା ପରେ ଏଏଣ୍ଡଏସ୍, କୋଲକାତା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ବଳ ୬୭, ଅଲ୍‌ମାସ ସୋ÷କାତ ୫୬ ରନ୍ ସଂଗ୍ରହ କରିଥିଲେ। ନେକ୍ସଏଜ୍, ହାଇଦରାବାଦ ପକ୍ଷରୁ ରାହୁଲ ରାଜ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ହାଇଦରାବାଦ ୧୭.୨ ଓଭରରେ ୫ ୱିକେଟ ହରାଇ ୧୯୩ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ନିଶାନ୍ତ ଯାଦବ ୭୩, ଇର୍‌ସାଦ ରହିମ୍ ୪୯ ରନ୍ କରିଥିଲେ। କୋଲକାତାର ଆକାଶ ଶର୍ମା ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ହାଇଦରାବାଦର ନିଶାନ୍ତ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ବିଭୂ ପ୍ରସାଦ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ରସିଦ୍ ଉଲ୍ ଓହିଦ ଏବଂ ରାଜ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର୍ ଦାଇତ୍ୱ ସୋ÷ରଜିତ୍ ସାହୁ ନିର୍ବାହ କରିଥିଲେ। ପୂର୍ଣ୍ଣେନ୍ଦୁ ଜେନା ୩ୟ ଅମ୍ପାୟାର ଦାଇତ୍ୱ ନିର୍ବାହ କରିଥିବାବେଳେ ମଳୟ କୁମାର ଏବଂ ଗୋବିନ୍ଦ ଧଳ ପିଚ୍ କ୍ୟୁରେଟର ଦାଇତ୍ୱ ନିର୍ବାହ କରିଥିଲେ। ଇଂ ଲକିମାଷ୍ଟର ସ୍ୱାଇଁଙ୍କ ସଂଯୋଜନାରେ ଅତିଥି ଭାବେ ସୃଜତି କୃଷ୍ଣ ବେହେରା, ତ୍ରିଲୋଚନ ପଣ୍ଡା, ଲିଙ୍ଗରାଜ ସ୍ୱାଇଁ, ପ୍ରଦ୍ୟୁମ୍ନ ସାହୁ ଏବଂ ମନମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଅଭିଜିତ ପୁହାଣ, ଅଜିତ୍ ଧଳ, ରାଜେଶ ଖିଲାର, ଆଶୁତୋଷ ସାହୁ, ସୋମନାଥ ସାହୁ, ଶମ୍ଭୁନାଥ ସାହୁ, ଦୀପକ, ଶୁଭମ୍, ପ୍ରଜ୍ଞାନସୁ ନାଥ, ସୁବିତ ଧଳ, ସୁବ୍ରତ ପୃଷ୍ଟି, ହିମାଂଶୁ ଶେଖର ବେହେରା, ଉଦୟ ବିଶ୍ୱାଳ ଏବଂ ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



### ପିଲାଙ୍କ ପାଇଁ ଅସୁରକ୍ଷିତ ସ୍କୁଲ!

## ନବୋଦୟରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଦୁଷ୍କର୍ମ!

ଭଦ୍ରକ/ବାସୁଦେବପୁର, ୭।୩ (ସମିସ): ଭଦ୍ରକ ଜିଲ୍ଲା ବାସୁଦେସବପୁର ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ପଦାକୁ ଆସିଛି। ଏଠାରେ ଥିବା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲର ହିନ୍ଦୀ ଶିକ୍ଷକ ଦୁଷ୍କର୍ମ କରିଥିବା ନେଇ ସଂଗିନ୍ ଅଭିଯୋଗ ହୋଇଛି। ଛାତ୍ରୀଜଣଙ୍କ ଆଜି ପାଚେରି ଡେଇଁ ସ୍କୁଲରୁ ପଳାଇବା ସହ ଜଣେ ଗ୍ରାମବାସୀଙ୍କ ଘରେ ଆଶ୍ରୟ ନେବା ପରେ ଘଟଣା ପଦାକୁ ଆସିଛି। ଗ୍ରାମବାସୀଙ୍କ ସୂଚନା ଆଧାରରେ କସିଆ ସାମୁଦ୍ରିକ ଥାନା ପୁଲିସ ପୀଡ଼ିତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ହିନ୍ଦୀ ଶିକ୍ଷକଙ୍କୁ ଉଠାଇ ନେଇଛି। ସୂଚନାଯୋଗ୍ୟ, ମାତ୍ର ୬ ଦିନ ତଳେ ବାସୁଦେବପୁର କିସ୍ମତ କୃଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଏକ ଛାତ୍ରୀ ଦୁଷ୍କର୍ମ ଘଟଣାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ସ୍କୁଲ ଭିତରେ ପଶି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମାଡ଼ ମାରିବା ସହ ରାସ୍ତାରୋକ କରି ପ୍ରତିବାଦ ଜଣାଇଥିଲେ। ଏଭଳି ଗୋଟିଏ ପରେ ଗୋଟିଏ ଘଟଣା ଅଭିଭାବକଙ୍କୁ ଚିନ୍ତାରେ ପକାଇଥିବା ବେଳେ ସ୍କୁଲ ପରିସର ଏବେ ଛାତ୍ରଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଏଭଳି ଅଭିଯୋଗକୁ ଅଭିଯୁକ୍ତ ହିନ୍ଦୀ ଶିକ୍ଷକ ଅସ୍ୱୀକାର କରିଛନ୍ତି। ତାଙ୍କୁ ଫସାଇବାକୁ ଏକ ଯୋଜନା ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଆଜି ଭୋର୍‌ରେ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ ପାଚେରି ଡେଇଁ ପାଖ ଗାଁର ସୁନିଲତା ଜେନାଙ୍କ ଘରେ ଆଶ୍ରୟ ନେଇଥିଲେ। ଏ ସଂପର୍କରେ ତାଙ୍କୁ ଗ୍ରାମବାସୀ ପଚରାଉଚରା କରିବା ପରେ ସ୍କୁଲରେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସଂପର୍କରେ କହିଥିଲେ।



**ହିନ୍ଦୀ ଶିକ୍ଷକଙ୍କୁ ଉଠାଇ ନେଲା ପୁଲିସ**

## ପ୍ରାଣୀ ଭ୍ରାମ୍ୟମାଣ ଗାଡ଼ି ନ ଆସିବାରୁ ଉତ୍ତେଜନା

ବନ୍ତ/ଆଗରପଡ଼ା,୭।୩(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ପୁରୁଷଣ୍ଡସ୍ଥିତ ବଣିଆସାହିରେ ଏକ ଷଣ୍ଢ କୌଣସି କାରଣ ପାଇଁ ଆହତ ହୋଇଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖି ପ୍ରାଣୀ ଭ୍ରାମ୍ୟମାଣ ଗାଡ଼ିକୁ ଲୋକେ ଯୋଗାଯୋଗ କରିଥିଲେ। ମାତ୍ର ଏହି ଗାଡ଼ି ନ ପହଞ୍ଚିବାରୁ ଚାପା ଉତ୍ତେଜନା ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ଆସି ଷଣ୍ଢକୁ ଚିକିତ୍ସା କରିଥିଲେ। ଆବଶ୍ୟକୀୟ ଔଷଧ ଗାଁ ଲୋକମାନେ ମଧ୍ୟ କିଣିଥିଲେ। ପଶୁପକ୍ଷୀମାନେ ଦୁର୍ଘଟଣାର ଶିକାର ହେଲେ ସରକାରୀ ଭ୍ରାମ୍ୟମାଣ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେବାର ବ୍ୟବସ୍ଥା ଥିଲେ ସୁଦ୍ଧା ଖବର ପାଇବା ପରେ ମଧ୍ୟ ଏହି ଅଞ୍ଚଳକୁ ଗାଡ଼ି ଆସୁ ନ ଥିବାର ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଶୋଷ ମେଣ୍ଟାଇବା ପାଇଁ ରୋଗକୁ ଆମନ୍ତ୍ରଣ

ବନ୍ତ/ଆଗରପଡ଼ା,୭।୩(ସମିସ)

ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବ ବଢ଼ିବାରେ ଲାଗିଛି। ଆଗକୁ ଏହାର ପ୍ରଭାବ ଆହୁରି ବଢ଼ିବ। ପୂର୍ବାହ୍ନ ୧୦ଟା ପରେ ବାହାରକୁ ବାହାରିବା ଧୀରେ ଧୀରେ କଷ୍ଟକର ହେଲାଣି। ଏହିଭଳି ପରିସ୍ଥିତିରେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଥିବା ଲୋକେ ଶୋଷ ମେଣ୍ଟାଇବାକୁ ବିଭିନ୍ନ ବୋତଲ ପାଣି ଓ ମୃଦୁ ପାନୀୟ ଉପରେ ନିର୍ଭର କରୁଛନ୍ତି। ଏହାକୁ ଆଖିଆଗରେ ରଖି କିଛି ଭଲ କମ୍ପାନୀର ପାଣି ବୋତଲ ଅଧିକ ଦରରେ ବିକ୍ରି ହେଉଥିବାବେଳେ ଅନେକ ଦୋକାନରେ ଶସ୍ତାରେ ପାଣି ବୋତଲ ଓ ପାଣି ପାଉଚ୍ ମିଳୁଛି। ତେବେ ଏହାର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠୁଛି। ପ୍ରଥମତଃ ପାଣି ବୋତଲ ପ୍ରସ୍ତୁତ ପାଇଁ ବ୍ୟୁରୋ ଅଣ୍ଡ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ପକ୍ଷରୁ ଅନୁମତି ଆଣିବାକୁ ପଡ଼ିଥାଏ। ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନଳକୂଅ ପାଣି, ଆର୍‌ଓ ମେସିନ, ପାଣି ବୋତଲ ପ୍ରସ୍ତୁତ ପରେ ପରୀକ୍ଷା କରାଯାଇ ପାଣି ବିକ୍ରି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥାକୁ ଲାଇସେନ୍ସ ମିଳିଥାଏ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଉଛି। ପ୍ରତି ବୋତଲ ଓ ପାଉଚ୍ ପ୍ୟାକେଟ୍ ଉପରେ ପ୍ରସ୍ତୁତି ଓ ବ୍ୟବହାରର ସମ୍ପୂର୍ଣ୍ଣ ବିବରଣୀ ରହିବା ନିୟମ ରହିଛି। କିନ୍ତୁ ଅଧିକାଂଶ କମ୍ପାନୀର ପାଣି ବୋତଲ ଓ ପାଉଚ୍ ଉପରେ ଏହା ଦେଖିବାକୁ ମିଳୁନାହିଁ। ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବହୁ ପାଣି ବୋତଲ ପ୍ରସ୍ତୁତକାରୀ କମ୍ପାନୀ ଥିଲେ ସୁଦ୍ଧା ସେମାନେ ସରକାରୀ ନିୟମକୁ ଅବମାନନା କରିବା ଅଭିଯୋଗ ହେଉଛି। ଏ ବାବଦରେ ଖାଦ୍ୟ ସୁରକ୍ଷା ବିଭାଗ ଅବଗତ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଆଇଏସ୍(ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ଲାଇସେନ୍ସପ୍ରାପ୍ତ ବୋତଲ ପ୍ରସ୍ତୁତକାରୀ କମ୍ପାନୀରେ ବିଭାଗ ପକ୍ଷରୁ ୨ଥର ଯାଞ୍ଚ ନିୟମ ରହିଛି। ଯାଞ୍ଚ ସମୟରେ କମ୍ପାନୀର ସ୍ୱଚ୍ଛତା ଓ ଆର୍‌ଓ ମେସିନ ତଦାରଖକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏଥି ସହିତ ବିଆଇ୍‌ଏସ୍‌ର ଲାଇସେନ୍ସ ଯାଞ୍ଚ କରାଯିବା ନିୟମ ମଧ୍ୟ ରହିଛି। ତାହା ମଧ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ବର୍ତ୍ତମାନ ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ସୋଡ଼ା ମୃଦୁ ପାନୀୟର ଚାହିଦା ବହୁତ ପରିମାଣରେ ବଢ଼ିଯାଇଛି। ଯଦ୍ୱାରା ସୋଡ଼ା ପ୍ରସ୍ତୁତକାରୀ ସଂସ୍ଥା ସରକାରୀ ନିୟମକୁ ନ ମାନି ନିଜର ମନମାନୀ ଚଳାଉଥିବା ଅଭିଯୋଗ ହେଉଛି। ଡାକ୍ତରଙ୍କ କହିବା ଅନୁଯାୟୀ, ପ୍ଲାଷ୍ଟିକ୍ ବୋତଲ ପାଣିରେ ଆର୍ଦ୍ରତା ନ ଥାଏ। ଖରାଦିନେ ଜଳୀୟଅଂଶ କମ୍ ରହୁଥିବାରୁ କମ୍ ଆର୍ଦ୍ରତାଯୁକ୍ତ ପାଣି ପିଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସହ ଜଣ୍ଡିସ୍ ଓ ଟାଇଫଏଡ୍ ଭଳି ରୋଗର ଆଶଙ୍କା ରହିଛି। ତେଣୁ ବନ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ସରକାରୀ ନିୟମକୁ ନ ମାନି ବହୁ ଅସାଧୁ ବ୍ୟବସାୟୀ ଶସ୍ତାରେ ବୋତଲ ପାଣି ପ୍ରସ୍ତୁତ କରୁଥିବାରୁ ବିଭାଗ ପକ୍ଷରୁ ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।




**ବଜାରରେ ମିଳୁଛି ନିମ୍ନମାନର ମୃଦୁ ପାନୀୟ ଓ ବୋତଲ ପାଣି**

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଭଦ୍ରକ ୟୁନିକ୍

ଭଣ୍ଡାରିପୋଖରୀ,୭।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚନ୍ଦ୍ରଶେଖର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ସରପଞ୍ଚ ମିନତୀ ସାହୁ, ସମାଜସେବୀ ରଜନୀକାନ୍ତ ଚନ୍ଦ ଓ ଲଳିତ ରାଉତ ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭଦ୍ରକ ୟୁନିକ୍ ୧୧ ଓ କେନ୍ଦୁଝର ଫେମସ୍ କ୍ରିକେଟ କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଫେମସ କ୍ରିକେଟ କ୍ଲବ ଅଧିନାୟକ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୟୁନିକ୍ ୧୧ ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ୍‌ଡି. ସୋହେଲ ୬୨ ଓ ଅଜିତ ରାଉତ ୪୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଶ୍ରେୟାଂଶୁ ପଟ୍ଟନାୟକ ୩ ୱିକେଟ ଓ ସନତ ପାଢ଼ୀ ୨ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଫେମସ୍ କ୍ଲବ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୧୭୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶୁଭମ୍ ଜେନା ୮୧ ଓ ଶ୍ରେୟାଂଶୁ ପଟ୍ଟନାୟକ ୨୫ ରନ୍ କରିଥିଲେ। ୟୁନିକ୍ ୧୧ର ପ୍ରକାଶ ଜେନା ୫ ୱିକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦୁର୍ଗା ପଟ୍ଟନାୟକ ଓ ସଞ୍ଜୟ ଶତପଥି ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ସ୍କୋରର, ମନୋରଞ୍ଜନ ନାୟକ ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାଇତ୍ୱ ତୁଲାଇଥିଲେ। ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

### ଜିଲ୍ଲା ପ୍ରଶାସନର ଗ୍ରୀଷ୍ମ ମୁକାବିଲା ବୈଠକ

# ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ

ବାରିପଦା,୭ ।୩(ସମିସ)




ଗ୍ରୀଷ୍ମର ଭୟାବହତା ଓ ତା'ର ସଠିକ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ଯଥେଷ୍ଟ ସମ୍ଭାବନା ରହିଛି । ଏ ସମ୍ବନ୍ଧୀୟ କୌଣସି ପ୍ରକାର ସମ୍ଭାବ୍ୟ ପରିସ୍ଥିତିକୁ କିଭଳି ଉପଯୁକ୍ତ ଭାବେ ମୁକବିଲା କରାଯାଇ ପାରିବ ତା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସମସ୍ତ ସବ- କଲେକ୍ଟର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭାଗୀୟ ଅଧିକାରୀ ସହିତ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ମାର୍ଚ୍ଚ ମାସ ପ୍ରାରମ୍ଭରୁ ଗ୍ରୀଷ୍ମ ପ୍ରଭାହ ଅନୁଭବ ହେଉଥିବା ସେ ପ୍ରକାଶ କରିଥିଲେ ଓ ଆଗକୁ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ସେ ଆଶଙ୍କା କରିବା ସହିତ ଏହା ମଣିଷ ଓ ପଶୁପକ୍ଷୀ ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେ କହିଥିଲେ ଜିଲ୍ଲାପାଳ । ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଚୁର ପରିମାଣରେ ଔଷଧ, ଓଆର ଏସ ସହିତ ସମସ୍ତ ସୁବିଧା ଥାଇ ସ୍ୱତନ୍ତ୍ର ଅଂଶୁଘାତ ପ୍ରକୋଷ୍ଠ ଜିଲ୍ଲା ମୁଖ୍ୟାଳୟ ସହିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ଆଶୁ ଚିକିତ୍ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟକ ବ୍ଲକ, ପୌର ପରିଷଦ, ଏନ୍ଏସି ଗୁଡ଼ିକରେ ଜଳଛତ୍ର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍? ଦେବାକୁ ସମସ୍ତ ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ହାଟଗୁଡ଼ିକ ୧୧ ଟାରୁ ୩ଟା ମଧ୍ୟରେ ବନ୍ଦ କରାଯିବାକୁ କହିଥିଲେ । ବିଶେଷତଃ ପିକ ଆୱାର ସମୟରେ ଯାନବାହାନ ଚଳାଚଳ ଉପରେ ରୋକ ଲଗାଇବା, ଯାତ୍ରୀଙ୍କ ସୁବିଧା ପାଇଁ ବସ ଗୁଡ଼ିକରେ ପ୍ରଚୁର ପରିମାଣରେ ପାଣି, ଓଆର୍ଏସ୍ ଓ ପ୍ରାଥମିକ ବକ୍ସ ରଖାଯିବାର ଯେମିତି ବ୍ୟବସ୍ଥା କରାଯାଏ ତାହା ଦୃଷ୍ଟି ଦେବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଂଶୁଘାତ ସମୟରେ କାହାର ମୃତ୍ୟୁ ଘଟିଲେ ତାର ତୁରନ୍ତ ରିପୋର୍ଟ ଦେବାକୁ ତହସିଲଦାର ଓ ବିଡିଓ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପ୍ରତ୍ୟେକ ବ୍ଲକ, ତହସିଲ, ପୌରପରିଷଦ, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଭଳି ବିଭାଗଗୁଡ଼ିକୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ କୂଅ ଓ ନଳକୂଅଗୁଡ଼ିକର ମରାମତି ସହିତ ଜଳର ଅଭାବ ଥିବା ଅଞ୍ଚଳଗୁଡ଼ିକରେ ଟ୍ୟାଙ୍କର ଯୋଗେ ପାଣିର ବ୍ୟବସ୍ଥା କରିବାକୁ ଆର ଡବ୍ଲ୍ୟୁଏସ୍ଏସ ଓ ୱାଟ୍କୋକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପୌର ପରିଷଦ ଗୁଡ଼ିକରେ ବୁଲା ଜୀବଜନ୍ତୁ ମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଓ ବ୍ୟାପକ ପରିମାଣରେ ଅଂଶୁଘାତ ସଚେତନତା ସୃଷ୍ଟି ନିମନ୍ତେ ଡିଆଇପିଆରଓ ଏବଂ ଜିଲ୍ଲା ଜରୁରୀକାଳିନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପିକ ଆୱାର ସମୟରେ ସରକାରୀ ବିଲଡିଙ୍ଗଗୁଡ଼ିକୁ ନିରାଶ୍ରୟ ଲୋକଙ୍କ ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରିବାକୁ ସମସ୍ତ ବିଡିଓ, ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ହଷ୍ଟେଲ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ସକାଳୁଆ କରାଯିବା ସହିତ ଶିକ୍ଷା କେନ୍ଦ୍ର ଗୁଡ଼ିକରେ ପିଇବା ପାଣି, ଓଆର୍ଏସ ଏବଂ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିବାକୁ ଡିଇଓ, ବିଏସଡବ୍ଲୁଓ, ଡିଡବ୍ଲୁଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଠିକ ସେହିପରି ବିଗତ ବର୍ଷର ଘୂର୍ଣ୍ଣିବାତ୍ୟା ଓ କାଳବୈଶାଖୀର ଭୟାବହତା ପରି ଚଳିତ ବର୍ଷ ମଧ୍ୟ ଏହିପରି ବିପଦ ପ୍ରତି ସଜାଗ ଓ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ଜରୁରିକାଳୀନ ବିଭାଗର ଡେପୁଟୀ କଲେକ୍ଟର ଶ୍ରଦ୍ଧା ସୁମନ, ସମସ୍ତ ସବ-କଲେକ୍ଟର, ବିଡିଓ, ତହସିଲଦାର ତଥା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ଜିଲ୍ଲା ଜରୁରୀକାଳିନ ବିଭାଗର ବିପିଓ ଜଗବନ୍ଧୁ ମହାନ୍ତି ଉକ୍ତ କାର୍ଯ୍ୟେକ୍ରମକୁ ସଂଯୋଜନା କରିଥିଲେ ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ତୁରୁମୁଙ୍ଗା, ୭।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଭୁଲୁଦା ଗ୍ରାମର ଲାଲମୋହନ ମହାନ୍ତ (୭୦)ଙ୍କ ଶନିବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି । ସେ କରଞ୍ଜିଆ ଜଳ ପରିମଳ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ । ଶନିବାର ସକାଳୁ ସେ ପୋଖରୀକୁ ଗାଧୋଇବା ପାଇଁ ଯାଇ ଅସାବଧାନତା ଯୋଗୁଁ ପାଦ ଖସି ଯାଇଥିଲା । ଗଭୀର ପାଣିରେ ବୁଡ଼ି ସେ ପ୍ରାଣ ହରାଇଥିବା ଜଣାପଡ଼ିଛି । ତୁରୁମୁଙ୍ଗା ପୁଲିସ ଶବକୁ ଜବତ କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

କୁଆମରା, ୭।୩(ସମିସ): ଆଜି ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ବାରିପଦା ଥାନା ରଙ୍ଗାମାଟିଆ ଗ୍ରାମର ସୁକୁଲ ହେମ୍ବ୍ରମ୍ (୩୧) । ସୁକୁଲ ଦୁଇ ଦିନ ତଳେ ବଡ଼ସାହି ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ । ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡୁକୁରା ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନା ପଠାଯାଇଥିବା ବେଳେ ଏ ନେଇ ୧୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି ।

## 'ଏଇ ମାଟି ଆମ ମା'ର ବାର୍ଷିକୋତ୍ସବ



ଖୁଣ୍ଟା/ପୁରୁଣାବାରିପଦା, ୭।୩(ସମିସ): ପ୍ରସିଦ୍ଧ ଦୋଳମେଳା ଅବସରରେ "ଏଇ ମାଟି - ଆମ ମା' "ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବ ଦୋଳ ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠାନର ସଭାପତି ଚାରୁଚନ୍ଦ୍ର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚାସୀନ ଅତିଥି ବରିଷ୍ଠ ଶିକ୍ଷାବିତ ସନାତନ ଜେନା, ଅଧ୍ୟାପକ କରୁଣାକର ମହାପାତ୍ର, ଦୋଳକମିଟି ସମ୍ପାଦକ ଚନ୍ଦ୍ରଶେଖର ଦାସ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୌରଚନ୍ଦ୍ର ଦାସ ପ୍ରମୁଖ ଏଇ ମାଟିକୁ ଚିହ୍ନିବା, ତାକୁ ଭଲ ପାଇବା ଏବଂ ତା'ର ଟେକ ରଖିବା ପାଇଁ ନିଜ କର୍ମକ୍ଷେତ୍ରରେ ଭଲ କାମ କରିବା ପାଇଁ ସଭିଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏହି ଗାଁ ର ଗୌରବ ବଢ଼ାଇଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଇଁକୁଳାର ପ୍ରଥମ ଇଞ୍ଜିନିୟର ରାଧାକୃଷ୍ଣ ରାଉତ, ସୁନାମଧନ୍ୟ ଶିକ୍ଷକ ଓ ପାଲାଗାୟକ କ୍ଷେତ୍ରମୋହନ ମିଶ୍ର, କର୍ମକାଣ୍ଡ ବିଶାରଦ ସୃଷ୍ଟିଧର ଆଚାର୍ଯ୍ୟଙ୍କୁ କୁଳଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରଥମ ମାଟ୍ରିକୁଲେଟ ସ୍ୱର୍ଗତ ଦୈତାରୀ ବିନ୍ଧାଣୀ ତଥା ବିଭିର୍ନ୍ନ ଧାର୍ମିକ ଓ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଶ୍ରୀବତ୍ସ ମିଶ୍ର ଙ୍କୁ ଠମରଣଉର କୁଳମଣି ସମ୍ମାନଠ ପ୍ରଦାନ କରାଯାଇଥିଲା । ଆବାହକ ସଂଜୀବ କୁମାର ଜେନା ଅନୁଷ୍ଠାନର ଅକ୍ଷଭିମୁଖ୍ୟ ଉପସ୍ଥାପନା, ଦୈତାରୀ ବିନ୍ଧାଣୀ ମଞ୍ଚ ପରିଚାଳନା ଓ ସର୍ବେଶ୍ୱର ଲେଙ୍କା କୁଇଜ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଧାନଶିକ୍ଷକ ଭାବଗ୍ରାହୀ ଦାସ, ଅଭୟକ୍ଷନନ୍ଦ ଜେନା, ସମ୍ପାଦକ କମଳାକାନ୍ତ ରଣା, ସଦସ୍ୟ ସୁଦର୍ଶନ ବେହେରା, ସୁକାନ୍ତ ବିନ୍ଧାଣୀ, ସମରଜିତ ମହାପାତ୍ର, ପ୍ରଲିପ୍ତ ରାୟସିଂ, ଶୁଭମ ନାୟକ, ତୃପ୍ତି ଜେନା ପ୍ରମୁଖ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଶତାଧିକ ଶୁଆ ଶାବକ ଉଦ୍ଧାର; ଜଣେ ଗିରଫ





ରାଇରଙ୍ଗପୁର, ୭।୩(ସମିସ): ରାଇରଙ୍ଗପୁର ବନ ବିଭାଗ ଦ୍ୱାରା ଶତାଧିକ ଶୁଆ ଶାବକ ଉଦ୍ଧାର କରାଯାଇଛି । ଉକ୍ତ ଘଟଣାରେ ଗୋରୁମହିଷାଣୀର ସେକ ଜାକିର ହୁସେନଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ବିକ୍ରି କରିବା ଉଦ୍ଦେଶ୍ୟରେ ଶତାଧିକ ଶାବକ ଶୁଆ ଗୁଡ଼ିକୁ ସେକ୍ ଜାକିର ହୁସେନ ନିଜ ଘରେ ରଖିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ସନ୍ଧ୍ୟାରେ ରାଇରଙ୍ଗପୁର ବନବିଭାଗ ପକ୍ଷରୁ ଗୋରୁମହିଷାଣୀରେ ଚଢ଼ଉ କରିଥିଲେ । ଚଢ଼ଉବେଳେ ଶତାଧିକ ଶୁଆ ଶାବକ ଉଦ୍ଧାର କରି ସେକ ଜାକିର ହୁସେନଙ୍କୁ ନିଜ ହେପାଜତକୁ ନେଇଥିଲେ । ଝାଡ଼ଖଣ୍ଡ ଓ ଭୁବନେଶ୍ୱରରେ ବିକ୍ରି କରିବା ଉଦ୍ଦେଶ୍ୟରେ ଏତେ ସଂଖ୍ୟକ ଶୁଆ ରଖିଥିଲେ ଜାକିର ହୁସେନ । ତେବେ ସମସ୍ତ ଶୁଆ ଶାବକ ଯଥାଶୀଘ୍ର ନନ୍ଦନକାନନ ପଠାଇ ଦିଆଯିବ ବୋଲି ସୂଚନା ମିଳିଛି ।

## ଠାକୁରମୁଣ୍ଡା ପ୍ରେସ୍ କ୍ଲବ ସଭାପତିଙ୍କ ମାତୃ ବିୟୋଗ

**ମହୁଲଡିହା, ୭।୩(ସମିସ):** ଠାକୁରମୁଣ୍ଡା ବ୍ଲକ ହାଣ୍ଡିଫୁଟା ଗ୍ରାମର ବର୍ଷିଆନ ମହିଳା ତଥା ଠାକୁରମୁଣ୍ଡା ପ୍ରେସ୍ କ୍ଲବ୍ ସଭାପତି ଶରତ ତ୍ରିପାଠୀଙ୍କ ମାଆ ସାବିତ୍ରୀ ତ୍ରିପାଠୀଙ୍କ ୯୦ ବର୍ଷ ବୟସରେ ୭ ତାରିଖ ପରଲୋକ ହୋଇଯାଇଛି । ସେ ଜଣେ ଅତ୍ୟନ୍ତ ଧର୍ମ ପରାୟଣା ମହିଳା ଥିଲେ । ଦେଢ଼ ବର୍ଷ ତଳେ ସ୍ୱାମୀ ସୁଦର୍ଶନ ତ୍ରିପାଠୀଙ୍କ ଦେହାନ୍ତ ଘଟିଥିବା ବେଳେ ସେ ଠାକୁରମୁଣ୍ଡା ଅଞ୍ଚଳର ସର୍ବାଧିକ ବୟସ୍କ ବ୍ୟକ୍ତି ଓ ରଥ ଯାତ୍ରାରେ ଶଙ୍କରାଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରି ଆସୁଥିଲେ । ସାମ୍ବାଦିକଙ୍କ ବାପା ମା' ଉଭୟ ଜମିଦାର ପରିବାରର ଥିଲେ । ବହୁ ଦାନ ଧର୍ମ କରି ଆସୁଥିଲେ । ତାଙ୍କ ଜମି ଦାନରେ ହାଣ୍ଡିଫୁଟା ଗ୍ରାମରେ ଗଢ଼ି ଉଠିଛି ମହାଦେବ ଚନ୍ଦ୍ରଶେଖର ହାଇସ୍କୁଲ । ସ୍ୱର୍ଗତ ସାବିତ୍ରୀ ଓ ସୁଦର୍ଶନଙ୍କ ୫ ପୁଅ ଏବଂ ୫ ଝିଅ । ସମସ୍ତେ ଉଚ୍ଚ ଶିକ୍ଷିତ । ଗତ ୧୫ ଦିନ ହେଲା ସେ ରୋଗ ଶଯ୍ୟାରେ ପଡ଼ିଥିବା ଖବର ପାଇ ବିଦେଶରେ ଥିବା ପୁଅ ମଧ୍ୟ ଫେରି ଆସିଥିଲେ । ଶନିବାର ସକାଳେ ମୃତ୍ୟୁ ସମୟରେ ପୁଅ, ଝିଅ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ । ଶେଷ ଦର୍ଶନ ପାଇଁ ସାମ୍ବାଦିକ, ମାନ୍ୟଗଣ୍ୟ ବ୍ୟକ୍ତି ସରକାରୀ ଅଧିକାରୀ, ଶିକ୍ଷକ, ଶିକ୍ଷୟତ୍ରୀ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶେଷରେ ହାଣ୍ଡିଫୁଟା ଗ୍ରାମକୁ ନିଆଯାଇ ଗ୍ରାମବାସୀଙ୍କ ଶେଷ ଦର୍ଶନ ପରେ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ସାମ୍ବାଦିକ ଶରତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ ।



● ଶତବାର୍ଷିକୀ ଅବସରରେ ଐତିହାସିକ ସ୍ମାରକ

## ଗୁରୁ ଗୋମ୍କେଙ୍କ ସମ୍ମାନରେ ମୁଦ୍ରା ଏବଂ ଷ୍ଟାମ୍ପ ଜାରି




**ରାଇରଙ୍ଗପୁର, ୭।୩(ସମିସ):** ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମ୍ମାନରେ ଭାରତ ସରକାର ପକ୍ଷରୁ ୧୦୦ ଟଙ୍କାର ସ୍ମାରକ ମୁଦ୍ରା ଏବଂ ଷ୍ଟାମ୍ପ ଜାରି କରାଯାଇଛି । ଅଲଚିକି ଲିପି ସୃଷ୍ଟିର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଜାରି ହୋଇଛି । ୧୯୨୫ ମସିହାରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ପ୍ରଣୀତ ଏହି ଲିପି ସାନ୍ତାଳୀ ଭାଷାର ଲିଖିତ ରୂପ ପାଇଁ ଏକ ଐତିହାସିକ ଅବଦାନ ରହିଛି । ଏହା ଭାରତର ଆଦିବାସୀ ଭାଷା ଓ ସଂସ୍କୃତି ଐତିହ୍ୟକୁ ସମୃଦ୍ଧ କରିଛି । ସାଂସ୍କୃତିକ ଭାବେ ଗଭୀର ଏହି ଲିପି ସାନ୍ତାଳୀ ଭାଷାକୁ ମୌଖିକ ପରମ୍ପରାରୁ ଲିଖିତ ସାହିତ୍ୟ ସଂସ୍କୃତିକୁ ପରିବର୍ତ୍ତନ କରିଛି । ଯାହା ସ୍ୱଷ୍ଟତା, ଧ୍ୱନିଗତ ନିର୍ଭୁଲତା ଏବଂ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ପ୍ରଦାନ କରିଛି । ୨୦୨୫ ମସିହାରେ ଏହାକୁ ଶହେବର୍ଷ ପୂରଣ ହେଉଛି । ଏହାର ଐତିହାସିକ, ସାହିତ୍ୟିକ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସ୍ୱୀକୃତି ଦେଇ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଦିଲ୍ଲୀରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଜାତୀୟ କାର୍ଯ୍ୟକ୍ରମ ଆୟୋଜନ ପରେ ଆସନ୍ତା ଏପ୍ରିଲରେ ଦୁବାଇ ଠାରେ ଅନ୍ତର୍ଜାତୀୟ ସ୍ତରରେ ଶତବାର୍ଷିକୀ ଉତ୍ସବ ଆୟୋଜନ କରାଯିବ । ତେବେ ଏହା ପୂର୍ବରୁ ସ୍ମାରକୀ ଜାରି କରାଯାଇଛି । ଏ ନେଇ ରାଇରଙ୍ଗପୁରର ଦାଣ୍ଡବୋଷ ସ୍ଥିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ପୂର୍ବରୁ ଦାବି ଉପସ୍ଥାପନ କରାଯାଇଥିଲା । ଯାହାକୁ ନେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଓ ଅବଦାନ ସ୍ମୃତି ନେଇ ଜାରି କରାଯାଇଛି । ଭାରତ ସରକାରଙ୍କ ଦ୍ୱାରା ଏହା ଜାରି ହୋଇଥିବା ବେଳେ ସାନ୍ତାଳ ସମ୍ପ୍ରଦାୟର ଗର୍ବ ଓ ଗୌରବ କଥା ଅଟେ । ଏହା ଏକ ଐତିହାସିକ ସ୍ମୃତି ହୋଇ ରହିବ ।

## ମା ବାସୁଳିଙ୍କ ଉଡ଼ା ପର୍ବ ପାଇଁ ପ୍ରସ୍ତୁତି ବୈଠକ



ଠାକୁରମୁଣ୍ଡା, ୭।୩(ସମିସ): ଶୁକ୍ରବାର ଠାକୁରମୁଣ୍ଡା ବ୍ଲକ୍ ସମ୍ମିଳନୀ କକ୍ଷରେ ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳିଙ୍କ ପବିତ୍ର ଉଡ଼ା ପର୍ବ ପାଳନ ପାଇଁ ପ୍ରଥମ ସାଧାରଣ ସଭା ମା' ବାସୁଳି ଉଡ଼ା କମିଟିର ସଭାପତି ତଥା ସ୍ଥାନୀୟ ତହସିଲଦାର ସମ୍ବିତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କମିଟିର ପୁରାତନ ସଦସ୍ୟ ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ, ସ୍ଥାନୀୟ ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଯୋଗ ଦେଇଥିଲେ । କମିଟିର ସମ୍ପାଦକ ଶିରୀଶ ଦେହୁରୀ, ସହ ସମ୍ପାଦକ ଶରତ ନାଏକ ବିଗତ ବର୍ଷର ଆୟ ବ୍ୟୟ ବିବରଣୀ ଖାତା ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଆସିବାପରେ ଯୁବ ସଦସ୍ୟ ପ୍ରକାଶ କୁମାର ସାହୁ ସ୍ୱତଃପ୍ରବୃତ ଭାବେ ସମ୍ପାଦକ ପଦବୀ ନେବାକୁ ଇଚ୍ଛାବ୍ୟକ୍ତ କରି ମା' ବାସୁଳିଙ୍କ ସମସ୍ତ ନୀତିବିଧି ସହିତ ଶାନ୍ତି ଶୃଙ୍ଖଳାର ସହିତ ଉଡ଼ା ପର୍ବ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଶ୍ରୀ ସାହୁଙ୍କୁ ନୂତନ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ଆସନ୍ତା ୧୨ ତାରିଖ ଦିନ ପରବର୍ତ୍ତି ବୈଠକ ଅନୁଷ୍ଠିତ ହୋଇ କମିଟିର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଚୟନ କରାଯିବ ଏବଂ ଉଡ଼ା ପର୍ବ କିପରି ଶୃଙ୍ଖଳିତ ଭାବେ ପାଳନ କରାଯିବା ବାବଦରେ ଆଲୋଚନା କରାଯିବ ବୋଲି ସଭାପତି ତଥା ତହସିଲଦାର ଶ୍ରୀ କର ପ୍ରକାଶ କରିଥିଲେ । ପରେ ବୈଠକ ପରିଚାଳନା କରୁଥିବା ଶ୍ରୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ, ୧ ଗୁରୁତର



ତୁରୁମୁଙ୍ଗା, ୭।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନରେ ଶନିବାର ଦିନତମାମ ଏକ ଗୋଠଛଡ଼ା ଦନ୍ତା ହାତୀ ଆତଙ୍କ ଖେଳାଇଛି । ହାତୀର ଗୋଇଠା ମାଡ଼ରେ ଗୁରୁତର ଆହତ ହୋଇଥିବା ଟଭାସରୁଆ ଗ୍ରାମର ବେଣୁଧର ମହାନ୍ତଙ୍କ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା ବେଳେ ଜମୁଲେଇବେଡା ଗ୍ରାମର ମାନସିଂ ମୁଣ୍ଡା ଗୁରୁତର ଆହତ ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ, ଘଟଣାସ୍ଥଳରେ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ବନରକ୍ଷୀ ଦୀପକ ରଣା ରଞ୍ଜିତା ମହାନ୍ତ ପହଞ୍ଚି ପ୍ରଥମେ ବେଣୁଧରଙ୍କୁ ଉଦ୍ଧାର କରି ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେହିପରି ମାନସିଂଙ୍କୁ ବନ ବିଭାଗ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଦନ୍ତା ହାତୀ ଚଢେଇଭୋଳ ଗାଁ ନିକଟରେ ଘୂରି ବୁଲୁଥିବା ବନ ବିଭାଗ କହିଛି ।

## ରାସଗୋବିନ୍ଦପୁର ରେଞ୍ଜରେ ହାତୀ ଉପଦ୍ରବ

ରାସଗୋବିନ୍ଦପୁର, ୭।୩(ସମିସ):



ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାମ ନେଉନଥିବା ବେଳେ ଏବେ ବି ରେଞ୍ଜ ଅଞ୍ଚଳରେ ୩ଟିକିଆ ହାତୀ ପଲରେ ଭାଗ ହୋଇ ମୋଟ ୩୯ଟି ହାତୀ ତାଣ୍ଡବ ରଚୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ଟୀକପଦା ଅଞ୍ଚଳରେ ୨୨ଟି, ସାରୁମୂଳା ଓ ବେତନାସିଆ ଜଙ୍ଗଲରେ ୧୨ଟି ଏବଂ ମୋରଡ଼ା ଫୁଲଝରୀ ଅଞ୍ଚଳରେ ୫ଟି ହାତୀ ଏବେ ମଧ୍ୟ ଉପଦ୍ରବ ଜାରି ରଖିଥିବା ବେଳେ ଗତ ୩ତାରିଖ ଦିନ ବିଳମ୍ବିତ ରାତିରେ ଭରଡାଶୋଳ ଅଞ୍ଚଳର ରଘୁ ମାରାଣ୍ଡି ବିଲକୁ ଯାଇଥିବା ସମୟରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିଲେ । ତେବେ ଏହି ଘଟଣା ପରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସହ ବନ ବିଭାଗ ପକ୍ଷରୁ ହାତୀ ଚାଲିଚଳଣ ଉପରେ କଡା ନଜର ରଖାଯାଇଥିବା ରେଞ୍ଜର ଘନଶ୍ୟାମ ମୁର୍ମୁ ପ୍ରକାଶ କରିବା ସହ ବର୍ଷ ତମାମ ଅଧିକାଂଶ ସମୟରେ ହାତୀ ଉପଦ୍ରବ ଲାଗି ରହୁଥିବା ରେଞ୍ଜ ଅନ୍ତର୍ଗତ ୧୪୦ଟି ଗ୍ରାମରୁ ଏଯାବତ ମୋଟ ୪୦ଟି ଅଞ୍ଚଳ ଗୁଡ଼ିକରେ ହାତୀର ଗତି ବିଧି ଦେଖା ଦେଲେ ସାଇରନ ବାଜି ଉଠିବା ସହ ଲାଇଟ ଜଳି ଗ୍ରାମବାସୀଙ୍କୁ ସତର୍କ କରାଇବା ପାଇଁ ବ୍ୟବସ୍ଥା କାର୍ଯ୍ୟକ୍ଷମ ଥିବା ଏବଂ ହାତୀ ଉପଦ୍ରବ କରୁଥିବା ଅନ୍ୟ ସମସ୍ତ ଅଞ୍ଚଳରେ ଏହାର ବ୍ୟବସ୍ଥା ଯଥାଶୀଘ୍ର କରାଯିବ ବୋଲି ସୂଚନା ଦେଇଥିଲେ ।

